European Union

# ସରକାରୀ ଯୋଜନା, ସୂଚନା ଓ ରୂପାୟନର ବାର୍ତ୍ତା
## ଅଗ୍ରଗାମୀ-ୟୁରୋପିୟାନ ୟୁନିୟନମିଳିତ ପ୍ରକଳ୍ପର

ଅଗ୍ରଗାମୀ
AGRAGAMEE

# ସୂଚନା ବାର୍ତ୍ତା

ପଞ୍ଚମ ବର୍ଷ | ତୃତୀୟ ସଂଖ୍ୟା | ଜୁଲାଇ- ସେପ୍ଟେମ୍ବର, ୨୦୧୮



ଅପହଂଚ ଅଂଚଳର ସଫଳ ମହିଳା : ମରିଚଗୁଡ଼ାର ସୁନ୍‌ଦେଇ ସାଉନ୍ତା

ଗ୍ରାମବାସୀଙ୍କ ଜମିଦାନ ଏବଂ ଶିକ୍ଷକଙ୍କ କର୍ତ୍ତବ୍ୟନିଷ୍ଠା ଦ୍ୱାରା ବିଦ୍ୟାଳୟର ବିକାଶ





ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକର ଦିଗ୍‌ଧର ଗ୍ରାମ ପଂଚାୟତର ଗ୍ରାମସଭା

ନୂଆପଡ଼ା ଜିଲ୍ଲାର ବୋଡ଼େନ୍ ବ୍ଲକର ଖଇରା ପଂଚାୟତର ଗ୍ରାମସଭା



ମାଆମାନଙ୍କର ଅନୁଭୂତିରୁ....
(ଇ.ୟୁ.ପ୍ରକଳ୍ପ ଅଂଚଳର ମହିଳାମାନଙ୍କର ଅନୁଭୂତି ଓ ଅଭିଜ୍ଞତାରୁ.









ଅଗ୍ରଣୀ — କପ୍ତିପଦା, ମୟୂରଭଞ୍ଜ
ବଲାଙ୍ଗିର ବିକାଶ ପରିଷଦ — ବେଲପଡ଼ା, ବଲାଙ୍ଗିର
ଚଲେଚଲୋ — ବୋଡ଼େନ୍, ନୂଆପଡ଼ା
ସେବା ଜଗତ — ମଦନପୁର-ରାମପୁର କଳାହାଣ୍ଡି
ଡାବୁଗାଁ, ନବରଙ୍ଗପୁର
ରାୟଗଡ଼, ଗଜପତି
MAHILA VIKAS — ଆର. ଉଦୟଗିରି, ଗଜପତି
Harmony — କୋରୁକୁଣ୍ଡା ଓ ମାଥିଲି ବ୍ଲକ, ମାଲକାନଗିରି

# ସମ୍ପାଦକୀୟ......



ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜନ୍ମତିଥି ଅବସରରେ ଓଡ଼ିଶା ସରକାର 'ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା' ଆରମ୍ଭ କରିଛନ୍ତି । କେନ୍ଦ୍ର ସରକାରଙ୍କ ସହାୟତାରେ ଆରମ୍ଭ ହୋଇଥିବା ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉମାନେ ବଂଚିତ ଥିଲେ, ସେମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହେଲେଣି । ରାଜ୍ୟ ସରକାରଙ୍କର ଆକଳନ ଅନୁସାରେ ପ୍ରାୟ ୨୫ ଲକ୍ଷ ହିତାଧିକାରୀ, ଯେଉଁମାନେ ପୂର୍ବରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବଂଚିତ ହୋଇଥିଲେ, ଏହି କାର୍ଯ୍ୟକ୍ରମ ଦ୍ୱାରା ଲାଭାନ୍ୱିତ ହେବେ ଏବଂ ରାଜ୍ୟରେ ଆଉ କେହି ଭୋକିଲା ରହିବେ ନାହିଁ ବୋଲି ସରକାର ଆଶାବ୍ୟକ୍ତ କରିଛନ୍ତି। ଏହି ଯୋଜନା ରାଜ୍ୟ ସରକାର ଘୋଷଣା କରିବା ପରେ ଅଗଷ୍ଟ ୧୩ରୁ ସେପ୍ଟେମ୍ବର ୦୩ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ପାଇଁ ପ୍ରଚାର ଓ ପ୍ରସାର କରାଯାଇଥିଲା । ଇତି ମଧ୍ୟରେ ରାଜ୍ୟ ସରକାରଙ୍କ ତରଫରୁ ଅକ୍ଟୋବର ୨ ତାରିଖରୁ ଯୋଗ୍ୟ ହିତାଧିକାରୀଙ୍କୁ ରେଶନ କାର୍ଡ଼ ଯୋଗାଇ ଦିଆଯିବା ଆରମ୍ଭ ହେଲାଣି । ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ପ୍ରତ୍ୟେକ ମୁଣ୍ଡପିଛା କେ.ଜି. ପିଛା ଏକ ଟଙ୍କାରେ ମାସିକ ପାଂଚକିଲୋ ଖାଦ୍ୟଶସ୍ୟ ପାଇବେ। ଏହି ଯୋଜନାରେ ସାମିଲ ନିମନ୍ତେ ୧୧ ଗୋଟିଏ ସ୍ୱତଃ ଯୋଗ ଦେବା ମାନଦଣ୍ଡ ରଖାଯାଇଛି। ସେଗୁଡ଼ିକ ହେଲା (୧) ସମସ୍ତ ଅସୁରକ୍ଷିତ ଆଦିମ ଅଧିବାସୀ ପରିବାର ସମୂହ (୨) ବାସହୀନ ପରିବାର (୩) ଭିକ୍ଷାବୃତ୍ତି କରି ଜୀବନ ନିର୍ବାହ କରୁଥିବା ନିରାଶ୍ରୟ ବ୍ୟକ୍ତି (୪) ପରିବାର ଗୁଡ଼ିକରେ ବସବାସ କରୁଥିବା ବିଧବା ଏବଂ ଏକୁଟିଆ ରହୁଥିବା ମହିଳା, ଯେଉଁମାନଙ୍କର ନିୟମିତ ଆୟ ନଥିବ । (୫) ପରିବାର ଗୁଡ଼ିକରେ ବସବାସ କରୁଥିବା ଭିନ୍ନକ୍ଷମ ବ୍ୟକ୍ତି । (୬) କିନ୍ନର ଆବେଦନକାରୀ (୭) ପରିବାରର ବୃଦ୍ଧ ବ୍ୟକ୍ତି ( ଯେଉଁମାନଙ୍କୁ ୬୦ ବର୍ଷ କିମ୍ବା ଉର୍ଦ୍ଧ୍ୱ ହୋଇଥିବ ), ଯେଉଁମାନଙ୍କର ନିୟମିତ କିମ୍ବା ସୁନିଶ୍ଚିତ ଜୀବନ ନିର୍ବାହ କରିବାର କୌଣସି ପନ୍ଥା ନଥିବ (୮) ବୟସାଧିକ ଯୋଗୁ ଶାରୀରିକ ବା ମାନସିକ ଅସୁସ୍ଥତା, (୯) ଦିନ ମଜୁରୀ ଉପରେ ନିର୍ଭରଶୀଳ ପରିବାର (୧୦) ବିଭିନ୍ନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାର (୧୧) କୃଷ୍ଠ, ଏଚ.ଆଇ.ଭି ତଥା ଅନ୍ୟାନ୍ୟ ଗୁରୁତ୍ୱର ବ୍ୟାଧିରେ ଆକ୍ରାନ୍ତ ଥିବା ପରିବାରଙ୍କୁ ସାମିଲ ହେବା ନିମନ୍ତେ ମାନଦଣ୍ଡ ରଖାଯାଇଛି। ଇତି ମଧ୍ୟରେ ରାଜ୍ୟ ସରକାରଙ୍କ ତରଫରୁ ନିୟମିତ ଭାବରେ ରେଶନ କାର୍ଡ଼ ବଂଟନ ଚାଲିଛି । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉଁମାନେ ଯୋଗ୍ୟ ହିତାଧିକାରୀ ସାମିଲ ହୋଇପାରିନଥିଲେ ଏବଂ ରେଶନ କାର୍ଡ଼ ନିମନ୍ତେ ବିଭିନ୍ନ କାର୍ଯ୍ୟାଳୟ, ଅଧିକାରୀଙ୍କ ନିକଟକୁ ଧାଁ ଧପଡ଼ ହେଉଥିଲେ, ଏବଂ ବ୍ଲକର ଧାର୍ଯ୍ୟ ତାଲିକାଠାରୁ ଅଧିକ ରେଶନ କାର୍ଡ଼ ଦିଆଯାଉନଥିଲା ଏବଂ ଅପେକ୍ଷା କରିବାକୁ ପଡୁଥିଲା, ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଦ୍ୱାରା ଆଉ କେହି ଭୋକିଲା ରହିବେ ନାହିଁ।

ଏହି ପରିପ୍ରେକ୍ଷୀରେ ଗୋଟିଏ ପ୍ରଶ୍ନ ମନକୁ ଆସୁଛି ଯେ, ଆଗରୁ ଚାଲି ଆସିଥିବା ପି.ଡ଼ି.ଏସ୍ କାର୍ଯ୍ୟକ୍ରମ ସହ ଏହାର କିପରି ସମ୍ବନ୍ଧ ରହିଛି ? ଅନେକ ଅଧୟନରୁ ଜଣାପଡ଼ିଛି ଯେ, ଅନେକ ଯୋଗ୍ୟ ହିତାଧିକାରୀ ଏବେ ମଧ୍ୟ ରେଶନ୍ କାର୍ଡ଼ ପାଇନାହାନ୍ତି ଏବଂ ପାଞ୍ଚକିଲୋ ଚାଉଳ ପାଇବାରୁ ବଂଚିତ ହେଉଛନ୍ତି। କେନ୍ଦ୍ର ସରକାରଙ୍କର ସାଧାରଣ ବ୍ୟଣ୍ଟନ ବ୍ୟବସ୍ଥା ଓ ଓଡ଼ିଶାର ଖାଦ୍ୟ ସୁରକ୍ଷା ଯୋଜନା ଭିତରେ କେଉଁ ଭଳି ସମ୍ବନ୍ଧ ଓ ସମନ୍ୱୟ ରହିବ, ତାହା ଭବିଷ୍ୟତରେ ଦେଖିବାର ଅଛି। କିନ୍ତୁ ଏସବୁ ସତ୍ତ୍ୱେ ରାଜ୍ୟରେ କେହି ଜଣେ ହେଲେ ଭୋକିଲା ରହିବେ ନାହିଁ ବୋଲି କିଏ ଗ୍ୟାରେଣ୍ଟି ଦେବ ? ରାଶନ କାର୍ଡ଼ ମିଳିବା ସଙ୍ଗେ ସଙ୍ଗେ ପାଂଚ କେ.ଜି ଚାଉଳ ମିଳିଗଲେ ଯେ ଅନାହାର ଓ କୁପୋଷଣ ହଟିବ, ଗରିବ ପରିବାରମାନେ ଖାଦ୍ୟ ସୁରକ୍ଷା ପାଇବେ, ଏକଥା ନିଶ୍ଚିତ ନୁହେଁ ବୋଲି କୋରାପୁଟଠାରେ ଏକ ରାଜ୍ୟସ୍ତରୀୟ ମହିଳା ସମାବେଶରେ ଆଲୋଚିତ ହୋଇଥିଲା । ବିଭିନ୍ନ ମହିଳା ଚାଷୀମାନଙ୍କୁ ସେମାନଙ୍କର ଜୀବକାର ଅନୁଭୂତିରେ ବର୍ଣ୍ଣନା କରି କହିଥିଲେ ଯେ, ନିଜ ଜମିରେ ଦେଶୀ ଚାଷ ପ୍ରଣାଳୀରେ, ଦେଶୀ ବିହନ ପ୍ରୟୋଗ କରି ଚାଷ କରବା ଦ୍ୱାରା ସେମାନେ ବର୍ଷ ସାରା ଦୁଇଓଳି ଖାଇବା ନିଶ୍ଚିତ କରିପାରୁଛନ୍ତି । ବର୍ତ୍ତମାନ ସମୟ ଉପସ୍ଥିତ ହୋଇଛି ଯେ, ଖାଦ୍ୟ ପୋଷାହାର ସୁରକ୍ଷା କ୍ଷେତ୍ରରେ ପ୍ରତ୍ୟେକ ପରିବାରଙ୍କୁ ନିଜର ଖାଦ୍ୟ ଉତ୍ପାଦନ କରିବାକୁ ପଡ଼ିବ । ସରକାରଙ୍କ ତରଫରୁ ମଧ୍ୟ ଆବଶ୍ୟକୀୟ କୃଷିନୀତି ପ୍ରଣୟନ କରିବାକୁ ପଡ଼ିବ, ଯାହାଦ୍ୱାରା କି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ, ମହିଳାଚାଷୀ ନିଜର ମନମୁତାବକ ଖାଦ୍ୟଶସ୍ୟ, ଡାଲିଜାତୀୟ ଶସ୍ୟ, ପନିପରିବା, ଫଳମୂଳ ସବୁ ଜୈବିକ ଉପାୟରେ ଉତ୍ପାଦନ କରିବାକୁ ପ୍ରୋତ୍ସାହନ ପାଇବେ।

ଶୁଭେଚ୍ଛାର ସହ

ଅଚ୍ୟୁତ ଦାସ

## ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ୧. ରାଜ୍ୟସ୍ତରୀୟ ମହିଳା ସମାବେଶ | ୩ |
| ୨. ରାଜ୍ୟସ୍ତରୀୟ ମହିଳା ଅଧିବେଶନରେ ବିଭିନ୍ନ ବୈଷୟିକ ଅଧିବେଶନ | ୫ |
| ୩. ଅପହଂଚ ଅଂଚଳର ସଫଳ ମହିଳା | ୬ |
| ୪. ଗ୍ରାମବାସୀଙ୍କ ଜମିଦାନ ଏବଂ ଶିକ୍ଷକଙ୍କ କର୍ତ୍ତବ୍ୟନିଷ୍ଠା ଦ୍ୱାରା ବିଦ୍ୟାଳୟର ବିକାଶ | ୭ |
| ୫. ୪ ମାସରେ ୫୪୩ ଶିଶୁ ଅପପୃଷ୍ଟିରୁ ମୁକ୍ତ | ୮ |
| ୬. ଅଗଷ୍ଟ ୧୫ ଓ ଅକ୍ଟୋବର ୨ ତାରିଖରେ ଅନୁଷ୍ଠିତ ଗ୍ରାମସଭାରେ ହୋଇଥିବା କାର୍ଯ୍ୟକ୍ରମ | ୮ |
| ୭. ଆମ ଅଂଚଳ : ଆମ କଥା | ୯ |
| ୮. ଜାତୀୟ ଗ୍ରାମୀଣ ପାନୀୟଜଳ କାର୍ଯ୍ୟକ୍ରମ | ୧୨ |
| ୯. ଆମ କଥା : ସମ୍ବାଦପତ୍ର ପୃଷ୍ଠାରେ | ୧୪ |
| ୧୦. ବିଭିନ୍ନ ଅଞ୍ଚଳରେ ଗ୍ରାମସଭା | ୧୫ |


**ଗ୍ରାମାଞ୍ଚଳରେ ବିଭିନ୍ନ ସରକାରୀ ଯୋଜନା ପରିଚାଳନାରେ ସ୍ୱଚ୍ଛତା ଏବଂ ସଫଳତା ପହଞ୍ଚାଇବା ପାଇଁ ଆଉ କି କି ସୂଚନା ପ୍ରକାଶିତ କଲେ ହିତାଧିକାରୀମାନେ ବିଶେଷ ଭାବେ ଉପକୃତ ହୋଇ ପାରିବେ ତାହା ଚିଠି/ମେଲ୍ ଫୋନ୍ ମାଧ୍ୟମରେ ଜଣାଇବା ପାଇଁ ଏହାର ପାଠକମାନଙ୍କୁ ଏକାନ୍ତ ଅନୁରୋଧ ।**

# ରାଜ୍ୟସ୍ତରୀୟ ମହିଳା ସମାବେଶ

## (୧୦ଟି ଜିଲ୍ଲାର ଆଦିବାସୀ ଓ ପଛୁଆ ବର୍ଗର ମହିଳା ଏକାଠି ହୋଇ ଶିକ୍ଷା, ସ୍ୱାସ୍ଥ୍ୟ,ନରେଗା, ପ୍ରଶାସନ, ଜୀବିକାକୁ ନେଇ ଆଲୋଚନା)

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟ ପରିସରରେ ରାଜ୍ୟସ୍ତରୀୟ ମହିଳା ସମାବେଶ ଆୟୋଜିତ ହୋଇଯାଇଛି । ଏହି ସମାବେଶରେ ଇ.ୟୁ. ପ୍ରକଳ୍ପ ଅଂଚଳର ଶ୍ରମଜୀବୀ ମହିଳାଙ୍କ ସମେତ ଅନ୍ୟ ଜିଲ୍ଲାର ମାଆମାନେ ମଧ୍ୟ ଭାଗ ନେଇଥିଲେ । ଏହି କର୍ମଶାଳାରେ ବିଭିନ୍ନ ଅଧିବେଶନରେ ମାଆମାନେ ଶିକ୍ଷା, ସ୍ୱାସ୍ଥ୍ୟ, ନରେଗା, ପ୍ରଶାସନ, ଅଙ୍ଗନବାଡ଼ି, ଜୀବିକାକୁ ନେଇ ବିଷୟବସ୍ତୁଗୁଡ଼ିକ ଥିଲା । ବିଭିନ୍ନ ଅଧିବେଶନ ଆଲୋଚନାତ୍ମକ ଥିଲା । ମୁଖ୍ୟତଃ ମାଆମାନଙ୍କ ଦ୍ୱାରା ହିଁ ଏହି କାର୍ଯ୍ୟକ୍ରମଗୁଡ଼ିକ ସଂଚାଳନ ଏବଂ ଅତିଥି ଥିଲେ ।

ଏହି ତିନିଦିନିଆ ରାଜ୍ୟସ୍ତରୀୟ ମହିଳା ସମାବେଶ ଓଡ଼ିଶା ଖାଦ୍ୟ କମିଶନର ଅଧକ୍ଷ ଶ୍ରୀ ରଙ୍ଗଲାଲ ଜାମୁଡ଼ାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଶ୍ରୀ ଜାମୁଡ଼ା ଉଦ୍‌ଘାଟନ କରିବା ଅବସରରେ ମାଆମାନଙ୍କୁ ନିଜ ସମସ୍ୟା ନିଜେ ସମାଧାନ କରିବା ପାଇଁ ଏକାଠି ହେବା, ଏବଂ ସମାଧାନ କରିବା ପାଇଁ ବାଟ ଖୋଜିବା ପାଇଁ ଆହ୍ୱାନ ଦେଇଥିଲେ । ଏହା ପରେ ସମାବେଶକୁ ଆସିଥିବା ୧୦ଟି ଜିଲ୍ଲାର ମାଆମାନଙ୍କର ଅନୁଭୂତି ଓ ସମସ୍ୟା ଶୁଣି ମତ ଦେଇଥିଲେ ଯେ, ଯେଉଁମାନଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳିଛି ତାହା ଶେଷ ନୁହେଁ, ଏଥିପାଇଁ ପୁଣି ଆବେଦନ କରାଯାଇପାରିବ । ଶ୍ରୀଯୁକ୍ତ ଜାମୁଡ଼ା ନିଜର ଜୀବନଜୀବିକା, ସ୍ୱାଭିମାନ, ଅଧିକାର ଲାଭ କରିବାକୁ ହେଲେ ମାଆମାନେ ଏକାଠି ହୋଇ କାମ କରିବାକୁ ଆହ୍ୱନ ଦେଇଥିଲେ । ଅନେକ ଜଙ୍ଗଲ ଜମି ଚିହ୍ନଟ ପରେ ଜମି ମରାମତି ପାଇଁ ମନରେଗା କାମ ପାଇଛନ୍ତି । ମନରେଗାରେ ୧୫୦ ଦିନ କାମ ମିଳିବାର ବ୍ୟବସ୍ଥା ରହିଛି । ସଚେତନ ନହେଲେ ଜଙ୍ଗଲ ଜମି ମିଳିବନାହିଁ ବୋଲି ସତର୍କ କରାଇ ଦେଇଥିଲେ ।

ଗୋଷ୍ଠୀ ଜଙ୍ଗଲ ସମ୍ବଳ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଜଙ୍ଗଲ ଅଧିକାର ଆଇନରେ ଜଙ୍ଗଲ ଜମି ପଟ୍ଟା ମିଳିବାର ବ୍ୟବସ୍ଥା ରହିଛି । ଜଙ୍ଗଲ ଜମି ଉପଯୋଗ କରୁଥିଲେ ମଧ୍ୟ ଯେତେଦିନ ପର୍ଯ୍ୟନ୍ତ ଗୋଷ୍ଠୀଗତ ପଟ୍ଟା ମିଳିନି, ସେତେଦିନ ପର୍ଯ୍ୟନ୍ତ ସମସ୍ୟାରେ ରହିବ ।

ଜଙ୍ଗଲ ଭିତରେ ଥିବା ଗାଁଗୁଡ଼ିକୁ କିପରି ଗ୍ରାମ ଭାବରେ ସ୍ୱୀକୃତି ମିଳିବ ସେ ସମ୍ପର୍କରେ ସୂଚନା ଦେଇଥିଲେ । ଗ୍ରାମସଭାରେ ସାମିଲ ହେବାକୁ ପଡ଼ିବ । ଗ୍ରାମସଭାରେ ଯାହା ରିଜୋଲେସନ୍ ପାସ ହେବ, ତାହାକୁ ମାନିବାକୁ ପଡ଼ିବ । ମହିଳାମାନେ ନିଜ ପ୍ରତି ଅବିଚାର



ନକରି ଆଗେଇ ଆସିବା ପାଇଁ ଆହ୍ୱାନ କରିଥିଲେ । ନାରୀ ଏବଂ ସଶକ୍ତିକରଣ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଜଙ୍ଗଲ ଜମିରେ ମହିଳା ଓ ପୁରୁଷଙ୍କ ଉଭୟଙ୍କର ନାମ ଦିଆହୋଇଛି । ରେଶନ୍ କାର୍ଡ଼ରେ ମଧ୍ୟ ମହିଳାଙ୍କ ନାମରେ ଦିଆଯାଇଛି । ଯଦି କୌଣସି ପରିବାରରେ ୧୮ବର୍ଷରୁ ଉର୍ଦ୍ଧ୍ ମହିଳା ନଥିବେ, ସେ କ୍ଷେତ୍ରରେ ପୁରୁଷଙ୍କ ନାମରେ ରେଶନ୍ କାର୍ଡ଼ ଦିଆଯିବ ବୋଲି ସୂଚନା ଦେଇଥିଲେ ।

ଡ.ଗଦାଧର ପରିଡ଼ା, ପୂର୍ବତନ ଜିଲ୍ଲାପାଳ, କୋରାପୁଟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ଅଚ୍ୟୁତ ଦାସ ସ୍ୱାଗତ ଭାଷଣ ଓ କର୍ମଶାଳାର ଉଦେଶ୍ୟ ସମ୍ପର୍କରେ ମତ ଦେଇ କହିଥିଲେ ଯେ ଦେଶ ୭୨ ସ୍ୱାଧୀନ ହେବାର ୭୨ ବର୍ଷ ହୋଇଗଲେ ମଧ୍ୟ ମାଆମାନେ ନିଜର ଅଧିକାର ସାବ୍ୟସ୍ତ କରିପାରୁନାହାନ୍ତି ! ସମାଜରେ ଯଦି ପରିବର୍ତ୍ତନ ଆସିବ, ତେବେ ମାଆମାନଙ୍କ ଦ୍ୱାରା ହିଁ ଆସିବ । ଏହି କର୍ମଶାଳା ମାଆମାନଙ୍କୁ ଆଗକୁ ଯିବା ପାଇଁ ସୁଯୋଗ ସୃଷ୍ଟି କରିବ ଏବଂ ମାଆମାନଙ୍କ ସଂଗଠନକୁ ସୁଦୃଢ଼ କରିବା ପାଇଁ ସୁଯୋଗ ସୃଷ୍ଟି କରିବ । ଏହି କର୍ମଶାଳା ତିନିଦିନ ଧରି ଚାଲିବ ଏବଂ ବିଭିନ୍ନ ବିଷୟରେ ଆଲୋଚନା ହେବ ବୋଲି ସୂଚନା ଦେଇଥିଲେ ।

ଅନ୍ୟତମ ଅତିଥି ଶ୍ରୀ ରାଜ୍ୟ କଲ୍ୟାଣ ବୋର୍ଡ଼ ଅଧକ୍ଷ ଶ୍ରୀ ଲତିକା ପ୍ରଧାନ ସରକାରଙ୍କ ତରଫରୁ ସରକାରଙ୍କର କଲ୍ୟାଣମୂଳକ କାର୍ଯ୍ୟକ୍ରମ ଏବଂ ଏହାର ସତ୍ୱ ଅଧିକାର ସମ୍ବନ୍ଧୀୟ ଆଲୋଚନା ଚକ୍ରରେ ଭାଗ ନେଇ ସରକାରଙ୍କ ତରଫରୁ ନିକଟରେ ଘୋଷିତ ହୋଇଥିବା ବିଜୁ ସ୍ୱାସ୍ଥ୍ୟ ଯୋଜନା ସମେତ ସବୁକଥା ପାଇଁ ଆମକୁ ଶିକ୍ଷା ଦରକାର । ଶିକ୍ଷା ପ୍ରତି ପ୍ରାଥମିକତା ଦେବା ଦରକାର । ଏଥିସହିତ ମିଶନ ଶକ୍ତି ସୁଧରେ ଲଗାଉଛନ୍ତି । ସଶକ୍ତିକରଣ କେଉଁଠି କରିବା । ଯୌତୁକ ନିର୍ଯ୍ୟାତନା, ଶିଶୁ ଅପକର୍ମ ଶିକାର ହେଉଛନ୍ତି, ଏହାକୁ କିପରି ନିରାକରଣ କରାଯାଇପାରିବ, ସେ ସମ୍ପର୍କରେ ମାଆମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ।

ଅଧକ୍ଷା ପ୍ରଧାନ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା, ନରେଗା,

ସରକାରଙ୍କର ବିଭିନ୍ନ ଯୋଜନା, ଅଭିଯୋଗ ନିମନ୍ତେ ବିନା ମୂଲ୍ୟରେ ଫୋନ ନମ୍ବରର ବ୍ୟବହାର,ବିଭିନ୍ନ କେଉଁଥି ପାଇଁ କେଉଁ ଫୋନ ନମ୍ବର ବ୍ୟବହାର କରାଯିବ, ସେ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ବିଭିନ୍ନ କଲ୍ୟାଣମୂଳକ ଯୋଜନା, ବିଭିନ୍ନ ସହାୟତା ଫୋନ୍ ନମ୍ବର ସମ୍ପର୍କରେ ସୂଚନା ଦେଇଥିଲେ । ମହିଳାମାନେ ସ୍ୱାଭିମାନ, ସାହସ ଓ ଶିକ୍ଷାକୁ ଗୁରୁତ୍ୱ ଦେବା ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ମହିଳା ଅଧିକାର ଅଭିଯାନର ଅଧ୍ୟକ୍ଷ ଡ. ଜୋସ୍ନା ରାଉତରାୟ ମହିଳାମାନେ ଅଧିକ ସାହସ ଓ ଏକାଠି ହୋଇ ଲଢ଼ିଲେ ସଫଳ ମିଳିବ ଏବଂ ନିଜର ଆତ୍ମସ୍ୱାଭିମାନ ବିକାଶ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ଶ୍ରୀମତୀ ଜୋସ୍ନା ରାଉତରାୟ ଗୋଷ୍ଠୀଗତ ଭାବରେ ଯେକୌଣସି କାର୍ଯ୍ୟ କରିବା ଦ୍ୱାରା ସଫଳ ହୋଇପାରିବେ । ଏ ସମ୍ପର୍କରେ କେତେଟି ଉଦାହରଣ ରଖିଥିଲେ ।

ମହିଳା ସଭାନେତ୍ରୀ ଶ୍ରୀମତୀ ସୁମନୀ ଝୋଡ଼ିଆ ଚିନ୍ତା ପ୍ରକଟ କରିଥିଲେ ଯେ, ଆଦିବାସୀ ଅଂଚଳରେ ପେସା ଆଇନ ଆଦିବାସୀ ଉପଯୋଜନା ସମ୍ପର୍କରେ ଅର୍ଥ ଆସୁଥିଲେ ମଧ୍ୟ ଏହାର ଖର୍ଚ୍ଚ ସମ୍ପର୍କରେ ଆଦିବାସୀ ଅଂଜ୍ଞ । ଏଥିସହିତ ଜଙ୍ଗଲ ଅଧିକାର ଆଇନରେ ଜମିରେ ପଟ୍ଟା ନପାଇବା ଏବଂ ଜମି ଚିହ୍ନଟକରଣ ହୋଇନଥିବା ସମ୍ପର୍କରେ ମତ ରଖିଥିଲେ ।

୧୦ଟି ଜିଲ୍ଲାରୁ ଆସିଥିବା ମାଆମାନେ ପ୍ରଥମ ଅଧିବେଶନରେ ନିଜ ଅଂଚଳର ସମସ୍ୟା, ମାଆମାନଙ୍କ ଦ୍ୱାରା ସଫଳତା, ଯଥା ମଦବିରୋଧୀ ଅଭିଯାନ, ଅଧକ୍ଷ ଖାଦ୍ୟ କମିଶନଙ୍କ ସହାୟତାରେ ରେଶନ୍ କାର୍ଡ଼ ପାଇବାର ଅନୁଭୂତି, ଶିକ୍ଷା ଶିକ୍ଷାସମସ୍ୟା, ଜଙ୍ଗଲ ଜମି ଅଧିକାରୀ ଆଇନରେ ଜମି, ଅଙ୍ଗନବାଡ଼ି , ଜିଲ୍ଲାପାଳଙ୍କୁ ଭେଟିବା ଦ୍ୱାରା ସମସ୍ୟାର ସମାଧାନ ଆଦି ସମ୍ପର୍କର ନିଜ ନିଜର ଅଂଚଳର ସମସ୍ୟା ଓ ଅନୁଭୂତିକୁ ନେଇ ମନ୍ତବ୍ୟ ରଖିଥିଲେ ।

ପ୍ରଥମ ବୈଷୟିକ ଅଧିବେଶନରେ ସରକାରଙ୍କର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଏବଂ ଏହାର ସତ୍ତ୍ୱ ଅଧିକାର ସମ୍ପର୍କରେ ଆଲୋଚନା ବିଶିଷ୍ଟ ସମାଜକର୍ମୀ ଶ୍ରୀମତୀ ପୁଷ୍ପାଞ୍ଜଳୀ ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆଲୋଚନାରେ ଶ୍ରୀମତୀ ବିଦ୍ୟା ଦାସ, ଶ୍ରୀମତୀ ଲୋଚନୀ ମାଝୀ, ଶ୍ରୀମତୀ ସୁଲୋଚନା ବେହେରା ଆଲୋକପାତ କରିଥିବା ବେଳେ ଅନେକ ମାଆ ନିଜ ନିଜର ଅଂଚଳର ଅନୁଭୂତି, ସମସ୍ୟା ଓ ସଫଳତାକୁ ଉପସ୍ଥପନା କରିଥିବା ବେଳେ ମାଆମାନଙ୍କର ପ୍ରଶ୍ନକୁ ଶ୍ରୀ ଜାମୁଡ଼ା ଉତ୍ତର ରଖିଥିଲେ ।

ଦ୍ୱିତୀୟ ବୈଷୟିକ ଅଧିବେଶନ ସାକ୍ଷରତା ଏବଂ ସଶକ୍ତିକରଣକୁ ନେଇ ଆଲୋଚନା ହୋଇଥିଲା । ଏହି ଅଧିବେଶନକୁ ସଂଯୋଜନା କରିଥିଲେ ଡ. ଚନ୍ଦନ କୁମାର ସିଂହ । ଏହି ଅଧିବେଶନରେ ଅତିଥି ଭାବରେ ଅଧ୍ୟାପିକା ଡ. ବାସନ୍ତି ମହାନ୍ତି, ଅଧ୍ୟାପିକା ଡ. ପ୍ରୀତିଧାରା ସାମଲ, ଅଧ୍ୟାପିକା ଡ. ରୁଦ୍ରାଣୀ ମହାନ୍ତି, ଓଡ଼ିଆ ବିଭାଗ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଏବଂ କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମର୍କତ କେଶରୀ ରାୟ ପ୍ରମୁଖ ବର୍ତ୍ତମାନର ଆଦିବାସୀ ଅଂଚଳରେ ବାଳିକା ଶିକ୍ଷା, ପ୍ରାଥମିକ ଶିକ୍ଷା, ଗୁଣାତ୍ମକ ଶିକ୍ଷାର ସ୍ଥିତିକୁ ନେଇ ଆଲୋଚନା କରିଥିବା ବେଳେ ବିଭିନ୍ନ ଜିଲ୍ଲାରୁ ଆସିଥିବା ମାଆ ସେମାନଙ୍କର ଅଂଚଳର ଶିକ୍ଷାର ସ୍ଥିତି ମତ ରଖିଥିଲେ ।

ଦ୍ୱିତୀୟ ଦିବସରେ ଜଙ୍ଗଲଜମି ଅଧିକାର ଆଇନ ଏବଂ ସତ୍ତ୍ୱ ଅଧିକାର ଶ୍ରୀମତୀ ପୁଷ୍ପାଞ୍ଜଳୀ ଶତପଥୀ ବର୍ତ୍ତମାନ ଜଙ୍ଗଲ ଜମି ଅଧିକାର ଆଇନର କାର୍ଯ୍ୟକାରିତା ଆଦି ସମ୍ପର୍କରେ ଏକ ତଥ୍ୟଭିତ୍ତିକ ଉପସ୍ଥାପନା କରିଥିଲେ । ଶ୍ରୀମତୀ ସୁନ୍‌ଦେଇ ସାଉନ୍ତା, ସୁଶ୍ରୀ ସୂର୍ଯ୍ୟମଣି ହୋ, ଙ୍କ ସମେତ ଅନେକ ମାଆ ନିଜ ନିଜର ଅଂଚଳର ଜଙ୍ଗଲ, ଜଙ୍ଗଲ ଜମି, ଗୋଷ୍ଠୀଗତ ଅଧିକାର ଆଦିକୁ ନେଇ ମତ ରଖିଥିଲେ ।

ସୁଶାସନ କ୍ଷେତ୍ରରେ ମହିଳା ବିଷୟରେ ଆଲୋଚନାରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା । ଏଥିରେ କେବବଳ ମହିଳା ନିର୍ବାଚିତ ପ୍ରତିନିଧିମାନେ ନିଜ ନିଜ କ୍ଷେତ୍ରରେ ମହିଳାଭାବରେ ନିଜର ସ୍ଥିତି ଓ ସମସ୍ୟା ସମ୍ପର୍କରେ ଉପସ୍ଥାପନା କରିଥିଲେ । ଏହି ବିଷୟରେ ଆଲୋଚନା ବେଳେ କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକର ପୂର୍ବତନ ଜିଲ୍ଲା ପରିଷଦସଭ୍ୟା ଶ୍ରୀମତୀ ଆଶାଲତା ଖରା, ନାଏବ ସରଂପଚ ସାରଦା ମାଝି, ପୂର୍ବତନ ସରପଂଚ ଶ୍ରୀମତୀ ସାଇବାଣୀ ମାଝି, ନାଏବ ସରପଂଚ ସୁମନୀ ଭୂୟାଁ ମତ ରଖିଥିଲ ଏହି ଅଧିବେଶନକୁ ସଂଯୋଜନା କରିଥିଲେ ବଲାଙ୍ଗିର ବିକାଶ ପରିଷଦର ନିର୍ଦ୍ଦେଶକ ଶ୍ରୀ ମୁକୁନ୍ଦ ସାହୁ ।

ବିଭିନ୍ନ ଅଧିବେଶନରେ କୃଷି କ୍ଷେତ୍ରରେ ମହିଳା, ବିହନ ସଂରକ୍ଷଣରେ ମହିଳା, ମାଟି ମାଆର ସୁରକ୍ଷା, ଆଦି ସମ୍ପର୍କରେ ଆଲୋକପାତ ହୋଇଥିଲା । ଜୈବିକ କୃଷି, ପାରମ୍ପରିକ କୃଷି, ପରିବେଶଭିତ୍ତିକ ଗ୍ରାମ ବିକାଶକୁ ନେଇ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଜିଲ୍ଲା ତରଫରୁ ଷ୍ଟଲ ମାଧ୍ୟମରେ ସ୍ଥାନୀୟ ଅଂଚଳର ପାରମ୍ପରିକ ଖାଦ୍ୟଶସ୍ୟ, ଖାଦ୍ୟପ୍ରଣାଳୀ ଆଦି ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା ।

କର୍ମଶାଳାରେ ଗଜପତି, ରାୟଗଡ଼, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ, ବଲାଙ୍ଗିର, ମୟୂରଭଞ୍ଜ, ନୂଆପଡ଼ା ଆଦି ଜିଲ୍ଲାର ୧୫୦ରୁ ଉର୍ଦ୍ଧ୍ୱ ପଛୁଆ ଓ ଆଦିବାସୀ କୃଷିଜୀବୀ ମହିଳା ଭାଗ ନେଇଥିଲେ ।

ଏଥିସହିତ ଅନେକ ଶିକ୍ଷାବିତ୍, ଅଧ୍ୟାପିକା, ସରକାରୀ ପ୍ରଶାସକ, ଗବେଷକ, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି, ନାଗରିକ ସମାଜର ସଦସ୍ୟ ସଦସ୍ୟା, ପଛରେ ବସି ମାଆମାନଙ୍କର ନିର୍ଭକ ଭାବରେ ଉପସ୍ଥାପନା କରୁଥିବା ମତକୁ ଧ୍ୟାନର ସହିତ ଶୁଣୁଥିଲେ ।

# ରାଜ୍ୟସ୍ତରୀୟ  ମହିଳା ଅଧିବେଶନରେ ବିଭିନ୍ନ ବୈଷୟିକ ଅଧିବେଶନ




ସାକ୍ଷରତା ଓ ସଶକ୍ତିକରଣ




ସରକାରଙ୍କର କଲ୍ୟାଣମୂଳକ କାର୍ଯ୍ୟକ୍ରମ ଓ ଏହାର ସତ୍ୱ ଅଧିକାର




ମହିଳା ଓ ଚିରସ୍ଥାୟୀ ଜୀବିକା




ସୁଶାସନ କ୍ଷେତ୍ରରେ ମହିଳା

### ଅଗ୍ରଗାମୀ ତରଫରୁ ମନରେଗା ଶ୍ରମିକ ଦଳଙ୍କ ନିମନ୍ତେ ରାଜ୍ୟସ୍ତରୀୟ ତାଲିମ କାର୍ଯ୍ୟକ୍ରମ

## ମନରେଗା  କ'ଣ ଦାଦନ ଯିବା ବନ୍ଦ କରିବାରେ ସହାୟତା କରିବ ?

କାଶୀପୁର, ରାୟଗଡ଼, (ଓିଏନ) : ଅଗ୍ରଗାମୀ କାଶୀପୁର ଅନୁଷ୍ଠାନରେ ଅନୁଷ୍ଠିତ ଦ୍ୱିତୀୟ ଦିବସର ମନରେଗା ଶ୍ରମିକ ଦଳଙ୍କ ନିମନ୍ତେ ତାଲିମ କାର୍ଯ୍ୟକ୍ରମରେ ଅବସରରେ କ'ଣ ମନରେଗା ଦାଦନ ଯିବା ବନ୍ଦ କରିବାରେ ସହାୟତା କରିବ ? ଏ ସମ୍ପର୍କରେ ୧୦ଟି ଜିଲ୍ଲାରୁ ଆସିଥିବା ଯୁବକ ଦଳ ମନରେଗା କାର୍ଯ୍ୟଧାରା ମତ ଦେଇଥିଲେ । ବଲାଙ୍ଗିର ଜିଲ୍ଲାର ବେଲପଡ଼ା ବ୍ଲକର ଧନୀରାମ ପୁଜାରୀଙ୍କର ମତ ଥିଲା ଯେ, ମନରେଗା ସେମାନଙ୍କର ଗ୍ରାମରେ ଦାଦନ ଯିବାକୁ ଯିବା ବନ୍ଦ କେବେରେ ଅନେକ ଭୂମିକା ରହିଛି । ଗତ ବର୍ଷ କେତେ ଲୋକ ଦାଦନ ଯିବାକୁ ଯାଉନାହାନ୍ତି । ଏହାଛଡ଼ା ଗ୍ରାମବାସୀ ଗତବର୍ଷ ୫୦ରୁ ୬୦ ଦିନ କାମ ପାଇଛନ୍ତି । ଏହାଛଡ଼ା କିଛିଲୋକ ୧୦୦ ଦିନ ମଧ୍ୟ କାମ ପାଇଛନ୍ତି । ୧୫ ରୁ ୨୦ ଦିନରେ ମଜୁରୀ ପାଉଥିବା ବ୍ୟାଙ୍କ ଏକାଉଣ୍ଟରେ ରହିଛି । ମତ ଥିଲା ମଧ୍ୟରେ ୨୦୧୪-୧୫ ପରେ ପୂର୍ବବର୍ଷ କାମ ମିଳିବାରେ ଅସୁବିଧା ହେଲା ପରେ ବର୍ତ୍ତମାନ କାମ ମିଳୁଛି । ଶ୍ରମିକ ଦଳ ଗଠନ କରି କାମ ମାଗୁଛୁ ଏବଂ ଏହା ପୂର୍ବରୁ ପଞ୍ଚାୟତରେ କ'ଣ କାମ କରାଯିବ, ତାହାର ପ୍ରକଳ୍ପ ପ୍ରସ୍ତୁତ କରି ପଠାଉଛୁ ।

ଦଶଟି ଜିଲ୍ଲାରୁ ଆସିଥିବା ଶ୍ରମିକ ଦଳ ଜବକାର୍ଡ଼ଧାରୀଙ୍କ ମତର ସାରାଂଶ ଥିଲା, ସେମାନଙ୍କର କାର୍ଡ଼ ଜି.ଆର.ଏସ୍. ପାଖରେ ରହୁଛି ତ ସରପଞ୍ଚଙ୍କ ପାଖରେ ରହୁଛି କିମ୍ବା କଣ୍ଟ୍ରାକ୍ଟର କିମ୍ବା ଦଲାଲଙ୍କ ପାଖରେ ରହୁଛି । ଯେତେବେଳେ ଆମକୁ ମଜୁରୀ ଦରକାର ପଡୁଛି, ସେତେବେଳେ କାମ କରିବାକୁ ଯିବା ବେଳେ କାମ ମିଳୁନାହିଁ । ବର୍ତ୍ତମାନ ବଜେଟ ନାହିଁ ବୋଲି କହୁଛନ୍ତି । କାମ ଆସିଲେ ଆମେ କରିବୁ ବୋଲି କହୁଛନ୍ତି । ଅନେକ ରାଜ୍ୟ ସରକାରଙ୍କ ମଜୁରୀ ସହିତ ସମାନ ମଜୁରୀ କରିବା ପାଇଁ ଦାବୀ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ସେଠାରେ ସେମାନେ ସବେଦନ ଦେଉଛନ୍ତି, ସେମାନଙ୍କର କାର୍ଡ଼ ନିଜ ପାଖରେ ରଖୁଛନ୍ତି । ଏହାଛଡ଼ା କେତେକ ମନରେଗା ଶ୍ରମିକ ପୂର୍ବରୁ ୧୦୦ ଦିନ କାମ ପାଇବା ସହିତ ସମ୍ମାନପୂର୍ବକ ସାର୍ଟିଫିକେଟ, ଛତା, ଜୋତା ଆଦି ପାଇବା କଥା ବଲାଙ୍ଗିର, କନ୍ଧମାଳର ଶ୍ରମିକ ମାନେ ମତ ଦେଇଥିଲେ ।



ଏହି ଅଧିବେଶନକୁ ସଂଯୋଜନା କରି ନିର୍ଦ୍ଦେଶକ ଶ୍ରୀ ଅଜୟ ଦାଶ କହିଥିଲେ ଯେ, ଶ୍ରମିକ ଦଳକୁ ସମସ୍ତ କାଗଜ ପତ୍ର ଦେଖିବାକୁ ପଡ଼ିବ । ମଷ୍ଟର ରୋଲ୍ ଦେଖିବାକୁ ପଡ଼ିବ । ଯେଉଁ ଦିନ କାମ ମାଗିବାକୁ ଯିବେ, ସେହିଦିନ ଅଧିକାରୀଙ୍କ ନିକଟରୁ ପ୍ରାପ୍ତିପତ୍ର ଆଣିବାକୁ ପଡ଼ିବ । ଏହାଛଡ଼ା ମନରେଗାର କମ୍ପ୍ୟୁଟର ମାଧ୍ୟମରେ ଅନଲାଇନରେ ଏମ୍.ଆଇ.ଏସ୍‌କୁ ମଧ୍ୟ ଟ୍ରାକ କରିବାକୁ ପଡ଼ିବ । ଗ୍ରାମରେ ଗ୍ରାମସଭା ଜରିଆରେ ଭୂମି ଦେବ । ଯେଉଁଠି ଭୂମି ଦେବାକୁ ପଡ଼ିବ । ସରକାର ବର୍ତ୍ତମାନ ୧୩୦ଟି ବିଷୟକୁ ନେଇ କାମ ଦେଉଛନ୍ତି, ତାହାକୁ ବୁଝିରେ ରଖି କାମ ମାଗିବାକୁ ପଡ଼ିବ । ସମ୍ପୂର୍ଣ୍ଣର ନଥିପତ୍ର ଦେଖିବାକୁ କେହି ମନା କରିବେ ନାହିଁ ବୋଲି ଆଶ୍ୱାସନା ଦେଇଥିଲେ । ଏଥିପାଇଁ ଆମକୁ ସଚେତନ ଭାବରେ କାମ କରିବାକୁ ପଡ଼ିବ, ମନରେଗାର ନୀତିନିୟମ ବିଷୟରେ ଜାଣିବାକୁ ପଡ଼ିବ । ସାମାଜିକ ସମୀକ୍ଷା ଓ ଜନଶୁଣାଣି ଦ୍ୱାରା ଏହି କାର୍ଯ୍ୟକ୍ରମ ଅଧିକ ଜନସଚେତନତା କରିବା ସହିତ ଶ୍ରମଜୀବୀଙ୍କୁ ଉପଯୁକ୍ତ କାମ ଯୋଗାଇବାରେ ସହାୟତା କରିବ ବୋଲି ମତ ଦେଇଥିଲେ । ଏହାଦ୍ୱାରା ଦେଶରେ ଯିବା କମିବା ସହିତ ଦାଦନ ଯାଇ ଯେଉଁ ସମସ୍ୟା ସୃଷ୍ଟି ହେଉଛି, ସେଥିରୁ ମୁକ୍ତିଲାଭ ସହିତ ନିଜର ମାଟି, ମାଟି ସହିତ ଯୋଡ଼ି ହୋଇ, ନିଜ ଅଂଚଳକୁ ରୋଜଗାର କରି ସମ୍ମାନର ସହ ବଂଚିବା ପାଇଁ ଆହ୍ୱାନ ଦେଇଥିଲେ ।

ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ଅଧିବେଶନରେ ମନରେଗାରେ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ଏହାକୁ କିପରି ସଫଳ କରାଯାଇପାରିବ, ଅନେକ ଶ୍ରମିକ ନିଜ ନିଜର ଦଳ ଗଠନ ଯିବା କାରଣ, ମନରେଗାରେ ସଫଳ କାହାଣୀ, ସାମାଜିକ ସମୀକ୍ଷା, ଜନଶୁଣାଣି, ମନରେଗା କାମ କରି ଅନେକ ଦିନ ପର୍ଯ୍ୟନ୍ତ ମଜୁରୀ ନପାଇବା, ଏହିଭଳି ଅନେକ ଶ୍ରମିକ ନିଜ ନିଜର ଅନୁଭୂତି କହିଥିଲେ । ଶେଷରେ ଶ୍ରୀଯୁକ୍ତ ଦାଶ ୧୦ଟି ଜିଲ୍ଲାରୁ ଆସିଥିବା ଶ୍ରମିକ ଦଳକୁ ଧନ୍ୟବାଦ ଦେବା ସହିତ ନିଜ ନିଜ ଅଂଚଳରେ ମନରେଗା ସଫଳ ଭାବରେ ଗ୍ରାମର ଉପଯୁକ୍ତ ଉନ୍ନତି କରିବା ସହିତ ଦାଦନ ଝଟିବାକୁ ଦିଗରେ ଅଗ୍ରଣୀ ଭୂମି କରିବାରେ ସହାୟତା କରିବ ବୋଲି ଆଶାପ୍ରକାଶ କରିଥିଲେ ।

# ଅପହଂଚ ଅଂଚଳର ସଫଳ ମହିଳା : ମରିଚଗୁଡ଼ାର ସୁନ୍ଦେଇ ସାଉନ୍ତା



କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ । ଦଶମନ୍ତପୁର ବ୍ଲକର ଚିକାମ୍ବ ପଂଚାୟତ । ଚିକାମ୍ବ ପଂଚାୟତର ଗ୍ରାମ ମରିଚଗୁଡ଼ା । ମରିଚଗୁଡ଼ା ଗ୍ରାମରେ କିଛିବର୍ଷ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ହୋଇଛି ଏବଂ ସେ ପରିବର୍ତ୍ତନ ଆଣିବାରେ ସୁନ୍ଦେଇ ଏବଂ ମାଆମାନଙ୍କର ଭୂମିକା ରହିଛି । ଗାଁରେ ନିୟମିତ ଭାବରେ ବିଦ୍ୟାଳୟ ଚାଲୁଅଛି, ନିୟମିତ ସ୍କୁଲ ପରିଚାଳନା କମିଟିର ବୈଠକ ହେଉଛି । ଏଥିସହିତ ଶିକ୍ଷକ ସ୍କୁଲର ବିକାଶ, ପିଲାଙ୍କ ପାଠପଢ଼ା ସମ୍ପର୍କରେ ନାଗରିକ ଚେତନା ମଂଚ, ସ୍କୁଲ ପରିଚାଳନା କମିଟିଙ୍କ ସହିତ ଆଲୋଚନା କରୁଛନ୍ତି । ବର୍ତ୍ତମାନ ମରିଚଗୁଡ଼ାରେ ଶିକ୍ଷକ ରହୁଛନ୍ତି, ବିଦ୍ୟାଳୟକୁ ଶିଶୁମାନେ ନିୟମିତ ଯାଉଛନ୍ତି । ଏଥିସହିତ ଗ୍ରାମର ଝିଅ ପ୍ରଥମ କରି ୧୦ମ ପାସ କରି କଲେଜରେ ନାମ ଲେଖାଇଛନ୍ତି । ସୁନ୍ଦେଇ ସାଉନ୍ତା ନାଗରିକ ଚେତନା ମଂଚର ସଦସ୍ୟ ଅଛନ୍ତି । ଏହି ଅଂଚଳର ଲୋକ ବିକାଶ, ମାଆମାନଙ୍କ ସମସ୍ୟା ଦୂରିକରଣ,ସ୍ୱାସ୍ଥ୍ୟ ସଚେତନତା, ସରକାରୀ ଯୋଜନା ମାଆମାନଙ୍କୁ କିପରି ପହଚିଂବ, ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି । ଗ୍ରାମର ତଥା ପଂଚାୟତର ବିକାଶ ନିମନ୍ତେ ଆଗେଇ ଆସୁଛନ୍ତି, ନିଜେ ଉଦାହରଣ ହେଉଛନ୍ତି । ଅନ୍ୟମାନଙ୍କୁ ପ୍ରେରଣା ଓ ସହଯୋଗ ଯୋଗାଇ ଦେଉଛନ୍ତି ।

ଶ୍ରୀମତୀ ସୁନ୍ଦେଇ ଗ୍ରାମରେ ସମସ୍ତ ଯୋଗ୍ୟ ମାଆମାନେ କିପରି ରେସନ୍ କାର୍ଡ଼ ଯୋଗ୍ୟ ହିତାଧିକାରୀ ପାଇବେ, ସେଥିପ୍ରତି ଦୃଷ୍ଟି ଦେଇଛନ୍ତି । ଅଙ୍ଗନବାଡ଼ି କାର୍ଯ୍ୟକ୍ରମ ସମ୍ପର୍କରେ ମାଆମାନଙ୍କ ସଚେତନତା ଫଳରେ ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଠିକ୍ ଭାବରେ ଚାଲିଛି । ପୂର୍ବରୁ ପ୍ରତିମା ଦିଦି ଅଙ୍ଗନବାଡ଼ି ଚଲାଉଥିଲେ, ବର୍ତ୍ତମାନ ସେ ଅବସର ନେଇଛନ୍ତି । ପୁଣି ନୂଆ ଭାବରେ ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ଅଙ୍ଗନବାଡ଼ିକେନ୍ଦ୍ରରେ ଜଏନ କରିବେ ବୋଲି କହନ୍ତି । ବର୍ତ୍ତମାନ ଆଶା କର୍ମୀ ଗ୍ରାମରେ ରହୁଛନ୍ତି । ତାଙ୍କ ପାଖରେ ଡାକ୍ତରି ଔଷଧ ରହୁଛି । ଏଥିସହିତ ବୁଧବାର /ଗୁରୁବାରରେ ସପ୍ତାହ ଥରେ ଦଶମନ୍ତପୁରରୁ ମେଡ଼ିକାଲ ଟିମ୍ ଆସନ୍ତି । ସେମାନେ ଯାହାର ଯାହା କିଛି ସମସ୍ୟା ଥିଲେ, ଔଷଧ ଦେଉଛନ୍ତି ।

ଶ୍ରୀମତୀ ସୁନ୍ଦେଇଙ୍କଠାରୁ ଅନେକ ସମୟରେ ସରପଂଚ, ୱାଡ଼ମେମ୍ବର, ଜିଲ୍ଲା ପରିଷଦସଦସ୍ୟ ପ୍ରମୁଖ ମରିଚଗୁଡ଼ା ତଥା ଚିକାମ୍ବ ଅଂଚଳର ବିକାଶ ନିମନ୍ତେ ପରାମର୍ଶ ନିଅନ୍ତି । ସୁନ୍ଦେଇ ଦଶମନ୍ତପୁର ମହିଳା ମହାସଂଘ ମାଧ୍ୟମରେ ମାଆମାନଙ୍କୁ ଏକଜୁଟ କରିବା, ସେମାନଙ୍କୁ ଶିକ୍ଷା,ସ୍ୱାସ୍ଥ୍ୟ, ନରେଗା, ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କରେ ସଚେତନ କରେଇଥାଆନ୍ତି । ସୁନ୍ଦେଇଙ୍କ ମତରେ ଚିକାମ୍ବ ପଂଚାୟତରେ ଅନେକ ପରିବର୍ତ୍ତନରେ ହୋଇଛି । ଲୋକମାନଙ୍କର ସଚେତନତା ବଢ଼ିଛି । ପିତାମାତା ନିଜ ନିଜର ଶିଶୁମାନଙ୍କୁ ବିଦ୍ୟାଳୟକୁ ପଠାଉଛନ୍ତି । ବିଦ୍ୟାଳୟ ନିୟମିତ ଚାଲିଛି । ଗ୍ରାମର ଝିଅମାନେ ମଧ୍ୟ ଆଶ୍ରମ ସ୍କୁଲ ତଥା ବାହାର ସ୍କୁଲରେ ପଢ଼ିଲେଣି । ଲୋକଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ସରକାରୀ ଯୋଜନା ସମ୍ପର୍କରେ ସଚେତନତା ବଢ଼ିଛି । ସବୁଠାରୁ ବଡ଼କଥା ହେଲା ପଲ୍ଲୀସଭା, ଗ୍ରାମସଭାରେ ମାଆମାନଙ୍କର ଭାଗିଦାରିତା ଏବଂ ଯୋଗଦେବା ସଂଖ୍ୟା ବଢ଼ିଛି । ସୁନ୍ଦେଇ ଏବଂ କେତେକ ମାଆ ମିଶି ମାଆମାନଙ୍କୁ ବିଭିନ୍ନ ବିଷୟରେ ସଭାସମିତିମାଧ୍ୟମରେ କେବଳ ନବୁଝେଇ ଅନୌପଚାରିକ ଭାବରେ ଯେତେବେଳେ ଭେଟ ହୁଏ, ସେତେବେଳେ ଆଲୋଚନା କରନ୍ତି । ମାଆମାନେ ବିଧବା ଭତ୍ତା, ରେଶନ କାର୍ଡ଼, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଆଲୋଚନାରେ ଭାଗ ନେଉଛନ୍ତି । ମାଆମାନଙ୍କର ସର୍ବନିମ୍ନ ଆବଶ୍ୟକତାର ପୂରଣ ଓ ଗୋଷ୍ଠୀଗତ ବିକାଶ ଦିଗରେ ଗୁରୁତ୍ୱ ଦେଉଛନ୍ତି ।

ମରିଚଗୁଡ଼ାର ଅନ୍ୟ କଥା ହେଲା ଏ ଗ୍ରାମରେ ଲୋକମାନେ ଜୈବିକ ସାର ତଥା ସବୁଜ ସାର ବ୍ୟବହାର କରି ଫସଲ କରୁଛନ୍ତି । ପାରମ୍ପରିକ କୃଷି ତଥା ଧାନ ସହିତ ମାଣ୍ଡିଆ, କାଙ୍ଗୁ, କୋଶଳା, ମକା ଆଦି ଫସଲ କରୁଛନ୍ତି । କିଛିଜଣ ପନିପରିବା ଚାଷ କରି ନିକଟସ୍ଥ ଦଶମନ୍ତପୁର ହାଟରେ ନେଇ ବିକ୍ରି କରୁଛନ୍ତି, ଦୁଇପଇସା ପାଉଛନ୍ତି ।ସୁନ୍ଦେଇ ଜୈବିକ କୃଷି, ପ୍ରାକୃତିକ କୃଷି ସମ୍ପର୍କରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ସୁନ୍ଦେଇ ମାଆମାନଙ୍କୁ ପାରମ୍ପରିକ କୃଷିକୁ ଗୁରୁତ୍ୱ ଦେବା ପାଇଁ ବୁଝାଉଛନ୍ତି । ନିଜେ ପାରମ୍ପରିକ ଚାଷ କରୁଛନ୍ତି । ନିଜର ଅଧିକ ପନିପରିବା ଅମଳ ହେଲେ ଦଶମନ୍ତପୁର ହାଟରେ ନେଇ ବିକ୍ରି କରୁଛନ୍ତି । କୌଣସି ବ୍ୟବସାୟୀଙ୍କୁ ବିକ୍ରି ନକରି ନିଜର ଅମଳକୁ ସିଧାସଳଖ କେତ୍ରାଙ୍କୁ ବିକ୍ରୀ କରୁଛନ୍ତି । ଗ୍ରାମରେ କେହି ୟୁକାଲିପଟାସ ଗଛ ଲଗାଇନାହାନ୍ତି କିମ୍ବା ପଡ଼ିଆ ଛାଡୁନାହାନ୍ତି ବୋଲି ଶ୍ରୀମତୀ ସୁନ୍ଦେଇ ସାଉନ୍ତା କହନ୍ତି ।

ସୁନ୍ଦେଇଙ୍କ ଭଳି ଅନେକ ମାଆମାନେ ଅଛନ୍ତି, ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ସମାଜର ବିକାଶ, ଗୋଷ୍ଠୀର ବିକାଶ ନିମନ୍ତେ ସାମିଲ ଅଛନ୍ତି । ଆଦିବାସୀ ଅଂଚଳରେ ମାଆମାନେ ବ୍ୟକ୍ତିଗତ ବିକାଶ ବଦଳରେ ଗୋଷ୍ଠୀଗତ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି । ଗୋଷ୍ଠୀଗତ ବିକାଶ ହିଁ କୌଣସି ସମାଜର ବିକାଶରେ ସହାୟତା ହୋଇଥାଏ । ଶ୍ରୀମତୀ ସାଉନ୍ତା ଅଗ୍ରଗାମୀ ତରଫରୁ ବିଭିନ୍ନ ତାଲିମ, କର୍ମଶାଳାରେ ଯୋଗ ଦେବା ଦ୍ୱାରାଦ୍ୱାରା ହିଁ ଆଜି ସ୍ୱାଭିମାନ ଓ ନିର୍ଭିକ ସହ ଯେକୌଣସିଙ୍କ ସହ କଥା ହେଉଛନ୍ତି ଏବଂ ଗ୍ରାମର ବିକାଶ ପ୍ରକ୍ରିୟା ଓ ସମାଜର ବିକାଶରେ ସାମିଲ ହୋଇଛନ୍ତି ବୋଲି ନିଜେ କହନ୍ତି । ମାଆମାନେ ଶିକ୍ଷା, ସ୍ୱାସ୍ଥ୍ୟ, ନରେଗା, ଖାଦ୍ୟ ନିରାପତ୍ତା ତଥା ସରକାରଙ୍କ ସହାୟତା କିପରି ସିଧାସଳଖ ସେମାନଙ୍କ ନିକଟରେ ପହଂଚିବ ଏବଂ ମାଆମାନେ ଉପକୃତ ହେବେ, ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି ।

# ଗ୍ରାମବାସୀଙ୍କ ଜମିଦାନ ଏବଂ ଶିକ୍ଷକଙ୍କ କର୍ତ୍ତବ୍ୟନିଷ୍ଠା ଦ୍ୱାରା ବିଦ୍ୟାଳୟର ବିକାଶ



ବିଦ୍ୟାଳୟ ଏବଂ ଶିକ୍ଷା କ୍ଷେତ୍ରରେ ଅନେକ ଉଦାହରଣ ରହିଛି, ଯେଉଁଠି ଆଦିବାସୀ ହୁଅନ୍ତୁ କିମ୍ବା ପଛୁଆ ବର୍ଗ ହୁଅନ୍ତୁ, ସେମାନେ ଗ୍ରାମର ଶିକ୍ଷାର ବିକାଶ ନିମନ୍ତେ ବିଦ୍ୟାଳୟ ନିମନ୍ତେ ଆଗ୍ରହରେ ଜମିଦାନ କରିଛନ୍ତି।

ଏହିପରି ଏକ ଉଦାହରଣ ରହିଛି ପଲାସପଡ଼ା ସ୍କୁଲକୁ ନେଇ । ବେଲପଡ଼ା ବ୍ଲକର ଭରୁଆପଲି ପଂଚାୟତର ପଲାସପଡ଼ା ପ୍ରାଥମିକ ବିଦ୍ୟାଳୟର ଜମି ଅଭାବ ହେତୁ ବିଦ୍ୟାଳୟ ଗୃହ ହୋଇପାରୁନଥିଲା । ବିଦ୍ୟାଳୟର କେବଳ ୩ ଡି.ସି.ମିଲି ଜାଗା ଥିଲା ଏବଂ ଗୋଟିଏ ଶ୍ରେଣୀଗୃହ ଥିଲା । ଫଳରେ ବିଦ୍ୟାଳୟରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ୭୫ ଶିଶୁ ଶିକ୍ଷା ପାଇବାରେ ଅସୁବିଧା ରହିଥିଲା।

୨୦୦୭ ମସିହାରେ ଶ୍ରୀଯୁକ୍ତ ସତ୍ୟନାରାୟଣ ପାଢ଼ୀଙ୍କ ଏହି ବିଦ୍ୟାଳୟକୁ ବଦଳି ହୋଇଆସିଲେ । ଶ୍ରୀଯୁକ୍ତ ପାଢ଼ୀ ଗ୍ରାମବାସୀଙ୍କ ସହ ଶିକ୍ଷାର ମହତ୍ୱ ବିଷୟରେ ଆଲୋଚନା କରିବା ସହିତ ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ସମ୍ପର୍କରେ ଆଲୋକପାତ କଲେ । ଫଳରେ ଗ୍ରାମର ନିରବତୀ ମାଝି, ସ୍ୱାମୀ: ରଣଜୀତ ମାଝୀ ସ୍ୱତଃପ୍ରବୃତ୍ତ ନିଜର ରାସ୍ତାକଡ଼ରେ ଥିବା ୩୦ ଡିସିମିଲ ଜମି ଦେବା ପାଇଁ ପ୍ରସ୍ତାବ ଦେଲେ। ଆଦିବାସୀ ଜମି ହୋଇଥିବାରୁ ଶ୍ରୀଯୁକ୍ତ ପାଢ଼ୀ ଉପଜିଲ୍ଲାପାଳ ତଥା ପ୍ରଶାସନ ସହ ଆଲୋଚନା କରି ଶେଷରେ ନିଜ ହାତରୁ ଖର୍ଚ୍ଚ କରି ସ୍କୁଲ ନାମରେ ଜମି ରେଜିଷ୍ଟ୍ରେସନ କଲେ । ଏହା ପରେ ପରେ ସରକାରଙ୍କ ତରଫରୁ ଶିକ୍ଷା ଅଧିକାର ଆଇନ ଫଳରେ ଅତିରିକ୍ତ ଶ୍ରେଣୀଗୃହ, ପାଇଖାନା, ପାଣି ବ୍ୟବସ୍ଥା ଆଦି ନିମନ୍ତେ ବିଭିନ୍ନ ସମୟରେ ସହାୟତା ଆସିଲା ଏବଂ ନୀରବତୀ ମାଝୀଙ୍କ ଦେଇଥିବା ଜମିରେ ବିଦ୍ୟାଳୟର ଶ୍ରେଣୀଗୃହ ନିର୍ମାଣ ହେଲା।



ସ୍ୱର୍ଗତଃ ଶ୍ରୀମତୀ ନୀରବତୀ ମାଝି

ଇତିମଧ୍ୟରେ ନୀତବତା ମାଝି ମୃତ୍ୟୁବରଣ କରିଛନ୍ତି । ସ୍କୁଲ ତରଫରୁ ନିରବତୀଙ୍କୁ ସମ୍ମାନ ଓ ସ୍ୱୀକୃତି ପୂର୍ବକ ଗୋଟିଏ ଫୋଟ ସ୍କୁଲ ପରିସରରେ ଲାଗିଛି। ବର୍ତ୍ତମାନ ବିଦ୍ୟାଳୟରେ ଖୁସୀରେ ପିଲାମାନେ ଶିକ୍ଷାଲାଭ କରୁଛନ୍ତି ଏବଂ ଗ୍ରାମବାସୀ ମଧ୍ୟ ଖୁସୀ ଅଛନ୍ତି ବୋଲି ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ପାଢ଼ୀ କହନ୍ତି ।

ଏହି ଗ୍ରାମରେ ଗ୍ରାମବାସୀଙ୍କ ସ୍କୁଲ ପରିଚାଳନା କମିଟିର ସଚେତନତା ବଢ଼ିଛି ଏବଂ ନିୟମିତ ଭାବରେ ବିଦ୍ୟାଳୟର ବିକାଶ ନିମନ୍ତେ ଆଲୋଚନା ହେଉଛି । ଏଥିସହିତ ନାଗରିକ ଚେତନା ମଂଚର ସଦସ୍ୟ ସଦସ୍ୟାମାନେ ବିଭିନ୍ନ ସମୟରେ ବିଦ୍ୟାଳୟର ଉନ୍ନତି ନିମନ୍ତେ ଆଲୋଚନା କରୁଛନ୍ତି।

**ଉପସ୍ଥାପନା : ଶ୍ରୀ ମୁକୁନ୍ଦ ସାହୁ, ଜିଲ୍ଲା ସଂଯୋଜକ, ବଲାଙ୍ଗୀର**



## ମାନବ ସମ୍ବଳ ବିକାଶ ନିମନ୍ତେ ଅଙ୍ଗନବାଡ଼ି କେନ୍ଦ୍ରର ମର୍ଯ୍ୟାଦା ବଢ଼ାଇବାକୁ ପଡ଼ିବ

EDITOR : Dr. Pabitra Mohan Samantaray

Bhubaneswar Monday October 15

ପର୍ଯ୍ୟବେକ୍ଷକ



## ଅଗଷ୍ଟ ୧୫ ଓ ଅକ୍ଟୋବର ୨ ତାରିଖରେ ଅନୁଷ୍ଠିତ ଗ୍ରାମସଭାରେ ହୋଇଥିବା କାର୍ଯ୍ୟକ୍ରମ

ଅଗଷ୍ଟ ୧୫ ଓ ଅକ୍ଟୋବର ୨ ତାରିଖରେ ପଂଚାୟତ ସ୍ତରରେ ଗ୍ରାମସଭା ଅନୁଷ୍ଠିତ ହୋଇଛି। ସରକାରଙ୍କର ବିଭିନ୍ନ ଯୋଜନା ମାନଙ୍କର ସୂଚନା ଦ୍ୱାରା ପଛୁଆ ଗୋଷ୍ଠୀଙ୍କର ପୁଷ୍ଟିସାର ଓ ରୋଜଗାର ସମ୍ବନ୍ଧୀୟ ପ୍ରକଳ୍ପ ଅଗ୍ରଗାମୀ-ୟୁରୋପିୟାନ ୟୁନିୟନର ମିଳିତ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଅଧିକାଂଶ ପଂଚାୟତରେ ଗ୍ରାମସଭା ଆୟୋଜିତ ହୋଇଯାଇଛି। ଅଗଷ୍ଟ ୧୫ ତାରିଖରେ ଅନୁଷ୍ଠିତ ଗ୍ରାମସଭାରେ ନାଗରିକ ଚେତନା ମଂଚର ସଦସ୍ୟା ସଦସ୍ୟମାନେ ସ୍ୱତନ୍ତ୍ର ଗ୍ରାମସଭା ବୈଠକରେ ବୈଠକରେ ଯୋଗ ଦେଇଥିଲେ । ଗଜପତି, କନ୍ଧମାଳ, ମୟୂରଭଞ୍ଜ, କନ୍ଧମାଳ, ନୂଆପଡ଼ା ଆଦି ଜିଲ୍ଲାରେ କେତେକ ପଂଚାୟତରେ ଗ୍ରାମସଭା ଅନୁଷ୍ଠିତ ହେବା ସହିତ ନରେଗା, ଖାଦ୍ୟ ସୁରକ୍ଷା, ଭତ୍ତା, ପଂଚାୟତର ବିକାଶ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ସ୍ୱାଧୀନତା ଦିବସ ପୂର୍ବରୁ ଇ.ୟୁ ପ୍ରକଳ୍ପ ଅଂଚଳରେ ନାଗରିକ ଚେତନା ମଂଚର ବୈଠକ ବସି ସ୍ୱାଧୀନତା ଦିବସ ଅବସରରେ ପଂଚାୟତରେ ସ୍ୱାଧୀନତା ଦିବସ ପାଳନ ସହିତ ଗ୍ରାମସଭାରେ ଯୋଗ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା । ରାୟଗଡ଼, କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଭଳି ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହେତୁ ଅନେକ ପଂଚାୟତରେ ଗ୍ରାମସଭା ବସିନଥିଲା । ଗଜପତି ଭଳି ଜିଲ୍ଲାରେ ମାଆମାନେ ବହୁସଂଖ୍ୟାରେ ଗ୍ରାମସଭା ବୈଠକରେ ବହୁମାତ୍ରାରେ ଯୋଗ ଦେଇଥିଲେ ।

ସେହିଭଳି ଅକ୍ଟୋବର ୨ ରେ ଅନୁଷ୍ଠିତ ଗ୍ରାମସଭାରେ ସମସ୍ତ ୧୦ଟି ଜିଲ୍ଲାର ୨୦ଟି ବ୍ଲକର ୧୦୦ଟି ପଂଚାୟତରେ ନାଗରିକ ଚେତନା ମଂଚ ଓ ଗ୍ରାମବାସୀ ଏବଂ ମୁଖ୍ୟତଃ ମହିଳା ଅଧିକ ମାତ୍ରାରେ ଭାଗ ନେଇଥିଲେ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଗ୍ରାମସଭାରେ ଗ୍ରାମ ପଂଚାୟତର ଯୋଜନା ପ୍ରସ୍ତୁତ କାର୍ଯ୍ୟକ୍ରମରେ ଗ୍ରାମବାସୀ, ନାଗରିକ ଚେତନା ମଂଚର ସଦସ୍ୟ ସଦସ୍ୟା ଭାଗ ନେଇଥିଲେ ।

# ଆମ ଅଂଚଳ : ଆମ କଥା

## ମାଆମାନଙ୍କର ଅନୁଭୂତିରୁ....
## (ଇ.ୟୁ.ପ୍ରକଳ୍ପ ଅଂଚଳର ମହିଳାମାନଙ୍କର ଅନୁଭୂତି ଓ ଅଭିଜ୍ଞତାରୁ....)

**ଶ୍ରୀମତୀ ଆଶାଲତା ଖରା,**

**ପୂର୍ବତନ ଜିଲ୍ଲା ପରିଷଦସଭ୍ୟା, ଦଶମନ୍ତପୁର, କୋରାପୁଟ**

ମହିଳାମାନଙ୍କୁ ସମାନ ଅଧିକାର ପଂଚାୟତ ସ୍ତରରେ ଦିଆଯାଉଛି ବୋଲି କୁହାଯାଉଛି, କିନ୍ତୁ ପ୍ରକୃତରେ ଏହା କାର୍ଯ୍ୟକାରି ହୋଇପାରୁନାହିଁ । ଆମେ ନିର୍ବାଚନ ସମୟରେ ଗ୍ରାମବାସୀଙ୍କୁ ଏବଂ ମାଆମାନଙ୍କୁ ଅନେକ ପ୍ରତିଶ୍ରୁତି ଦେଇଥାଉ । କିନ୍ତୁ ଏହାକୁ ଯେତେବେଳେ କାର୍ଯ୍ୟକାରି କରିବା ପାଇଁ ପ୍ରୟାସ କରୁ, ତାହା ସରକାରୀ ବାବୁ ମାନେ କରେଇ ଦିଅନ୍ତି ନାହିଁ ।




ଜିଲ୍ଲା ପରିଷଦ ପ୍ରତି ତିନି ମାସରେ ବୈଠକ ବସିବା କଥା, ତାହା ବିଭିନ୍ନ କାରଣରୁ ୬ ରୁ ୭ ମାସରେ ବସେ । କେତେବେଳେ ସ୍ଥାନୀୟ ଏମ୍.ପି ନାହାନ୍ତି ତ କେତେବେଳେ ଅନ୍ୟ କେହି ଉଚ୍ଚପଦସ୍ଥ ଅଫିସର ନାହାନ୍ତି ବୋଲି ବୈଠକ ବସେ ନାହିଁ । ବୈଠକରେ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକ ଆଲୋଚନା ହେବା ପରେ ମଧ୍ୟ ଏହା ସରକାରଙ୍କ ଠାରୁ ସ୍ୱୀକୃତି ପାଇବା ପାଇଁ ରାଜ୍ୟସରକାରଙ୍କ ପାଖକୁ ଯାଏ । ଆଦିବାସୀ ମହିଳା ହୋଇଥିବାରୁ ଆମକୁ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଉନାହିଁ ! ମହିଳାମାନେ ଦୁର୍ବଳ ବୋଲି ଭାବୁଛନ୍ତି । କିନ୍ତୁ ଆମେ ଦୁର୍ବଳ ନୋହୁଁ ।ଆମେ ଆକ୍ସନ୍ ପ୍ଲାନ କରି ଦେଉଛୁ, ଏହାକୁ ପାସ କରିବା ପାଇଁ ପାଂଚଛଅମାସ ଲାଗିଯାଉଛି । ଅନେକ ସମୟରେ ବିଭିନ୍ନ କାରଣରୁ ଯାହା ବିକାଶ ନିମନ୍ତେ ଅର୍ଥ ଖର୍ଚ୍ଚ ହେବାକଥା, ତାହା ହୋଇପାରୁନାହିଁ । ତଥାପି ମୁଁ ଦଶମନ୍ତପୁର ଅଂଚଳରେ ଅନେକ କିଛି ରାସ୍ତାଘାଟ, ଇନ୍ଦିରା ଆବାସ, ବୁଢ଼ାବୁଢ଼ି ଭତ୍ତା ପାଇବା ପାଇଁ ପ୍ରୟାସ କରିଛି, ମାଆମାନଙ୍କର ସୁବିଧା ଅସୁବିଧାକୁ ପ୍ରାଧାନ୍ୟ ଦେଇଛି ।

**ସୁଶ୍ରୀ ସୂର୍ଯ୍ୟମଣୀ ହୋ,**

**ସି.ଏ.ଜି ସଦସ୍ୟା, ହରିଡ଼ାଗାଟୁ, ଜରକ ପଂଚାୟତ, ଠାକୁରମୁଣ୍ଡା, ମୟୂରଭଞ୍ଜ**

ଆମ ଅଂଚଳରେ ସ୍ୱେଚ୍ଛାସେବୀ ମାନେ ଆସି ଆମକୁ ଜଙ୍ଗଲ ଜମି ପଟ୍ଟା ପାଇବା ବିଷୟ କହିଥିଲେ । ଆମେ ଜଙ୍ଗଲ ଜମି ପାଇଁ ଆବେଦନ କରିଥିଲୁ । କେତେକ ଗ୍ରାମବାସୀ ଆମର କଥାକୁ ହସରେ ଉଡ଼େଇ ଦେଇଥିଲେ, ବିଶ୍ୱାସକୁ ନେଇ ନଥିଲେ । କିନ୍ତୁ ଆମେ ୨୦୧୧ ମସିହାରେ ଜଙ୍ଗଲ ଜମି ପଟ୍ଟା ପାଇଲୁ । ଏହାପରେ ଯେଉଁମାନେ ଆବେଦନ କରିନଥିଲେ, ଏହାପରେ ଆବେଦନ କଲେ ।



ମାଆମାନେ ସଂଘବଦ୍ଧ ହୋଇ ମଦଭାଟି ବିରୋଧରେ ପଂଚାୟତରେ ଧାରଣା ଦେଇଥିଲୁ । ଏହାପରେ ପଂଚାୟତରେ ମଦବିକ୍ରୀ ବନ୍ଦ ହେଲା । ମାଆମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉନଥିଲେ । ବର୍ତ୍ତମାନ ମାଆମାନେ ଯାଉଛନ୍ତି । ସବୁ ଭଲମନ୍ଦ ବୁଝାବୁଝି କରୁଛନ୍ତି । ମାଆମାନେ ସଂଘବଦ୍ଧ ଭାବରେ ଗ୍ରାମବାସୀଙ୍କୁ ବୁଝାଉଛୁ । ଦେହ ଖରାପ ହେଲେ ଡାକ୍ତରଖାନା ନେବା ପାଇଁ ମାଆମାନଙ୍କୁ ବୁଝାଉଛୁ । ସ୍କୁଲ ମଧ୍ୟ ଠିକ୍ ଭାବରେ ଚାଲିଛି ।

**ଶ୍ରୀମତୀ ପଦ୍ମାବତୀ ନାୟକ,**

**ସି.ଏ.ଜି ସଦସ୍ୟା, କୁମୁଲସିଂ, ହାତୀବାଡ଼ି ପଂଚାୟତ, ଗଜପତି**

ଆମର ମା' ସାରଳା ନାମରେ ଗୋଟିଏ ସ୍ୱୟଂ ସହାୟକ ଦଳ ଥିଲା । ଏଥିରେ ୨୦ରୁ ଅଧିକ ସଦସ୍ୟ ହେବାକୁ ଆମେ ଅନ୍ୟ ଏକ ଦଳ ମହାଲକ୍ଷ୍ମୀ ଦଳ ଗଠନ କରିଛୁ । ଆମେ ଓଡ଼ିଶା ଜୀବିକା ମିଶନରୁ ଲୋନ ନେଇଥିଲୁ । ଛେଳି ଚାଷ କରିଥିଲୁ । ୧୦୦ଟି ଛେଳି ହେଲା ପରେ ବିକ୍ରୀ କଲୁ ଏବଂ ଋଣ



ପରିଶୋଧ କଲୁ । ଆହୁରି ଛେଳି ଚାଷ କଲୁ । ଏଥିସହିତ ତେନ୍ତୁଳି କିଣିଛୁ । କାଜୁ ବେପାର କରୁଛୁ । ଗ୍ରାମସଭା, ପଲ୍ଲୀସଭାରେ ଯୋଗ ଦେଉଛୁ । ଆମର ପଂଚାୟତ ଦୁଇଭାଗ ହେଲା । ନରେଗାରେ ପଂଚାୟତ ଭାଗ ହେବାକୁ ମିଳିବ ନାହିଁ ବୋଲି କହିଲେ । ଯେଉଁମାନେ ପୁରୁଣା ପଂଚାୟତରେ ରହିଲେ, ସେମାନେ ତାଙ୍କର ମଜୁରୀ ପଇସା ପାଇଲେ । ଯେଉଁମାନେ ନୂଆ ପଂଚାୟତରେ ରହିଲେ, ସେମାନେ ପାଇଲେ ନାହିଁ । ଆମେ ସେମାନଙ୍କ ପାଇଁ ଲଢ଼ିଲୁ ।

ମୁଁ ମାଆମାନଙ୍କୁ ସେମାନଙ୍କର ଛୁଆକୁ ବିଦ୍ୟାଳୟ ପଠାଇବା ପାଇଁ ଉତ୍ସାହ ଓ ସାହସ ଦେଉଛି । ମୋର ପୁଅ ବର୍ତ୍ତମାନ +୩ ପଢ଼ିଲାଣି । ମୋର ଝିଅକୁ ମେଡ଼ିକାଲ ଡିପ୍ଲୋମାରେ ପଢ଼ାଉଛି । ଅନେକ ମତେ ମୋର ଝିଅକୁ ପାଠ ପଢ଼ାଇବାକୁ ମନା କରୁଥିଲେ । କିନ୍ତୁ ମୁଁ ମୋର ପିଲାମାନଙ୍କୁ ସାହସ ଦେଲି । ମୋର ଦେଖି ଗାଆଁର ଅନ୍ୟମାଆମାନେ ନିଜର ଝିଅଙ୍କୁ ସ୍କୁଲ ପଠାଉଛନ୍ତି ।

ମାଆମାନେ ଗ୍ରାମସଭାରେ ଭାଗ ନେଉଛନ୍ତି । ଆବଶ୍ୟକ ବେଳେ ପଂଚାୟତ, ବ୍ଲକ ଅଧିକାରୀଙ୍କୁ ବିନା ଭୟରେ ଭେଟୁଛନ୍ତି । ମାଆମାନେ ସବୁ ବିଷୟ ଜାଣିବା କଥା । ଆମେ ଯାହା ନୂଆ ନୂଆ ବିଷୟ ଜାଣୁଛୁ, ତାହା ଆମେ ଅନ୍ୟ ମାଆମାନଙ୍କୁ ଜଣାଉଛୁ ।

**ସାରଦା ମାଝି,**
**ନାଏବ ସରପଂଚ, ସି.ଏ.ଜି ସଦସ୍ୟା, ଉଲ୍ଲାଦାନୀ, କଳାହାଣ୍ଡି**

ଆମ ଅଂଚଳକୁ ମାନ୍ୟବର ଅଧକ୍ଷ, ଖାଦ୍ୟ କମିଶନ ଯାଇଥିଲେ, ଅନେକ ଏହାପରେ ରେଶନ କାର୍ଡ଼ ପାଇଲେ ।

ଆମ ଅଂଚଳରେ ଅନେକ ମାତ୍ରାରେ ମାଆମାନେ ଲେଖିପଢ଼ି ଜାଣିନାହାନ୍ତି । ମୁଁ ସେମାନଙ୍କର ନିମନ୍ତେ ଦରଖାସ୍ତ, ଆବଶ୍ୟକ ଫର୍ମପୂରଣ କରିବାରେ ସହାୟତା କରିବା ସହିତ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଓ ସଚେତତନା ସୃଷ୍ଟି କରୁଛି । ଉଲ୍ଲାଦାନୀ ପଂଚାୟତରେ ଅନେକ ଗ୍ରାମ ଦୁର୍ଗମ ରହିଛି, ଯେଉଁଠି କି ରାସ୍ତାଘାଟ ନାହିଁ । ସମୟ ଥିଲା ସ୍କୁଲ ଯିବା ବେଳେ ଫେରିବା ବେଳେ ନାଳ / ନଦୀରେ ପାଣି ଆସିବା ହେତୁ ଆମେ ଘରକୁ ଫେରି ପାରୁନଥିଲୁ ।



ସେବା ଜଗତ ଏବଂ ସି.ଏ.ଜି ସଦସ୍ୟ ସଦସ୍ୟାମାନେ ବସି ମଝିରେ ମଝିରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ସଦସ୍ୟାଙ୍କୁ ନେଇ ଆଲୋଚନା କରୁଛୁ । ସରକାରୀ ଯୋଜନା ସମ୍ପର୍କରେ ବୁଝାଉଛୁ । ମାଆମାନଙ୍କର ସାହାସ ବଢ଼ିଲାଣି । ବର୍ତ୍ତମାନ ଅନେକ ପରିବର୍ତ୍ତନ ହୋଇଛି । ରାସ୍ତାଘାଟରେ ପରିବର୍ତ୍ତନ ଆସିଛି । ତଥାପି ଆମ ଅଂଚଳରେ ଅନେକ ବେଳେ ସମସ୍ୟା ରହିଛୁ ଏବଂ ନୂଆ ନୂଆ ସମସ୍ୟା ଉପୁଜୁଛି ।

ଆମ ପଂଚାୟତରେ ଆମେ ବାରମ୍ବାର ମଦବିରୋଧରେ ସ୍ୱର ଉତ୍ତୋଳନ କରୁଛୁ । ଧାରଣାରେ ବସୁଛୁ । ଅନେକ ସ୍କୁଲଯିବା ଛାତ୍ରଛାତ୍ରୀ ମଦହେତୁ ଅବାଟରେ ଯାଉଛନ୍ତି । ଆମେ ମଦବିରୋଧରେ ଆନ୍ଦୋଳନ କରୁଛୁ । କୌଣସି ସ୍କୁଲରେ ଶିକ୍ଷକ ସମସ୍ୟା ହେଲେ ଶିକ୍ଷକଙ୍କ ବଦଳି ପାଇଁ ଦାବୀ କରୁଛୁ । ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ସକ୍ରୀୟ ଅଛନ୍ତି ।

ଆମ ଅଂଚଳର ମାଆମାନଙ୍କୁ ନିଜ ପରିବେଶ, ନିଜ ମାଟି, ନିଜ ସମାଜକୁ ଭଲ ପାଇବା ପାଇଁ ନିବେଦନ କରୁଛି । ମନରେଗାରେ କିପରି ମାଆମାନେ ପଇସା ପାଇବେ, ସେଥିପ୍ରତି ଦୃଷ୍ଟି ଦେଉଛୁ ।

**ଶ୍ରୀମତୀ ବେନାରୀ କହଁର,**
**ସି.ଏ.ଜି ସଦସ୍ୟା,**
**ପାଇରାଜୁ, କନ୍ଧମାଳ**



ମାଆମାନଙ୍କୁ ଏକାଠି କରି ପଂଚାୟତକୁ ଯାଇ ଗ୍ରାମସଭାରେ ଭାଗ ନେଇଛୁ । ଆଗକୁ ମାଆମାନେ କେବଳ ଦସ୍ତଖତ ଜାଣିଥିଲେ । ଏବେ ଅନେକ ବିଷୟ ଜାଣିଲେଣି । ଯେକୌଣସି କାମରେ ଦସ୍ତଖତ କଲେ, କାହିଁକି ଦସ୍ତଖତ କରିବୁ ପଚାରୁଛନ୍ତି । ଆବଶ୍ୟକ ବେଳେ ନିଜ ପୁଅ ଝିଅଙ୍କ ମାଧ୍ୟମରେ ପଢ଼ି ଶୁଣୁଛନ୍ତି ।

ମାଆମାନେ ପୂର୍ବରୁ ଚାଉଳ ପାଇବରେ ହଇରାଣ ହେଉଥିଲେ । ମାଆମାନେ ମିଶି ଚାରିଦିନ ପଂଚାୟତରେ ଚାବି ପକାଇଦେଲୁ । ପଂଚାୟତରେ ଆମେ ନୋଟିସ୍ ମାରିଦେଲୁ । ପଂଚାୟତକ କେହି ଖୋଲିବ ନାହିଁ । ଏହାପରେ ସରପଂଚ ଆମକୁ ଆସି ଚାଉଳ ନିଅ ବୋଲି କହିଲା । ବି.ଡ଼ି.ଓ. ଆସିଲା । ପୋଲିସ ଆସିଲେ । ଚାଉଳ ଧରି ପୋଲିସ ସହ ସରପଂଚ ଆସିଲେ । ଆମେ ଶୁଣିଲୁ ନାହିଁ । ଏହାପରେ ଆମକୁ କାକୁତିମିନତି କଲା, ଗୋଡ଼ ଧରିଲା,ମୋତେ ରକ୍ଷାକର ବୋଲି କହିଲା, ଆଉ ଭୁଲ କରିବି ନାହିଁ ବୋଲି କହିଲା ପରେ ଆମେ ଚାବି ଖୋଲିଲୁ, ଚାଉଳ ନେଲୁ ।

ଅଙ୍ଗନବାଡ଼ି ଅସୁବିଧା ହେଉଥିଲା । ବର୍ତ୍ତମାନ ଅଙ୍ଗନବାଡ଼ି କେନ୍ଦ୍ରରେ ଜଣେ ନିଯୁକ୍ତି ପାଇବ ବୋଲି ଆମର ସମିତି ସଭ୍ୟ

କହୁଥିଲେ। ଆମେ ଆବଶ୍ୟକ ବେଳେ ବ୍ଲକର ମିଟିଂକୁ ଯାଉଛୁ। ସବୁ ବାପା,ମାଆମାନେ ସଚେତନ ହେଲେଣି । ଚାଉଳ, କିରୋସିନି ଠିକ୍‌ରେ ପାଉଛନ୍ତି।

ବଲନ୍ଦପଡ଼ା ହାଟ ନିକଟରେ ମଦଦୋକାନ ଥିଲା। ହାଟକୁ ଆସୁଥିବା ଲୋକେ ମଦପିଉଥିଲେ । ପାଠପଢ଼ା ପିଲାମାନେ ବେଶୀ ମଦପିଉଥିଲେ । ୧୦-୧୨ ବର୍ଷର ପିଲା ମଦପିଇବେ, ମଟର ସାଇକେଲରେ ଧରି ବୁଲିବେ, ପଡ଼ି ମରିବେ, ଏହିଭଳି କିଛି ଘଟଣା ଆମ ଅଂଚଳରେ ହେଲା। ଆମେ ପାଇରାଜୁ ଓ ବଲନ୍ଦପଡ଼ା ଗ୍ରାମ ଗ୍ରାମ ବୁଲି ମଦବିରୋଧରେ ର୍‍ୟାଲି କଲୁ । ଆମେ ମଦବାଲାର ହାଣ୍ଡି ଭାଙ୍ଗିଲୁ। ଜିଲ୍ଲାପାଳଙ୍କୁ ଲେଖି ଦେଲୁ। ବର୍ତ୍ତମାନ ଆମ ପଂଚାୟତ ପାଇରାଜୁ ଏବଂ ନିକଟସ୍ଥ ପଂଚାୟତ ବଲନ୍ଦପଡ଼ାରେ ମଦବିକ୍ରୀ ବନ୍ଦ ରହିଛି।

**ଶ୍ରୀମତୀ ସୁମନୀ ଝୋଡ଼ିଆ,**
**କାଶୀପୁର**



ଆମେ ନିଜ ନିଜେ ମାଆମାନେ ଏକାଠି ହେବା ଏବଂ ମାଆମାନଙ୍କର ପାଇଁ ଯେଉଁଠି ଅନ୍ୟାୟ ହେଉଛି ଲଢ଼ିବା। ଭୟ କରିବା ନାହିଁ। ଯଦି କେତେବେଳେ ଭୟ ଲାଗେ ମୋତେ ମନେ ପକାଇବ। ମୁଁ କେଉଁଠି ଭୟ କରିନାହିଁ। ଯେଉଁଠି ଅସୁବିଧା ହେଉଛି, ମାଆମାନେ ସାହାଯ୍ୟ ଚାହୁଁଛନ୍ତି, ସେଠାରେ ଉପସ୍ଥିତ ହେଉଛି। ଆମେ ମାଆମାନେ ନିଜ ଗୋଡ଼ରେ ନିଜେ ଠିଆହେବା। ଆମର ମାଟି ମାଆର ସନ୍ତାନକୁ ସୁଦୃଢ଼ କରିବା । ଆମର ଦଳକୁ ସଂଗଠିତ କରିବା ଏବଂ ନିଜେ ପରସ୍ପର ଯୋଗା ଯୋଗ କରି ମିଟିଂ କରିବା । ଆମେ ସବୁବେଳେ ଅଗ୍ରଗାମୀ, ବଡ଼ ଆଜ୍ଞା ବଡ଼ ମାଆଙ୍କ ଉପରେ ଆର୍ଥିକ ନିର୍ଭର ନକରିବା ପାଇଁ ଚେଷ୍ଟା କରିବା।

**ଶ୍ରୀମତୀ ଦୀପାଇ ମାଝି ,**
**ରାମଗୁଡ଼ା, କାଶୀପୁର ବ୍ଲକ**

ସରକାର କମ୍ପାନୀମାନଙ୍କୁ ଜମି ଦେଉଛନ୍ତି, ମାଆମାନଙ୍କୁ ଜମି ଦେବା ବେଳେ କୁଣ୍ଠାବୋଧ କରୁଛନ୍ତି । ମାଷ୍ଟରମାନେ ଭଲ ଭାବରେ ପାଠ ପଢ଼ାଉନାହାନ୍ତି ।



ଫଳରେ ନିଜ ଗ୍ରାମରେ ସ୍କୁଲ ଅଛି, ପିଲାମାନଙ୍କୁ ନେଇ ଭୁବନେଶ୍ୱରରେ ପାଠ ପଢ଼ିବେ କାହିଁକି ? ଆମର କେତୋଟି ସ୍କୁଲ ଅଛି, କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, କିନ୍ତୁ ମ୍ୟାଟ୍ରିକ ପାସ୍ କେହି ହେଉନାହାନ୍ତି କାହିଁକି ! ଜମି ପଟ୍ଟା ସମ୍ପର୍କରେ ଗାଆଁ ଲୋକଙ୍କର ଧାରଣା ହିଁ ନାହିଁ। ଚାଷ କରି ଆସୁଛନ୍ତି ତ ଆସୁଛନ୍ତି।

ଶିକ୍ଷା ଅଧିକାର ଆଇନ ହେଲା, ଗୋଟିଏ ପିଲାବି ବାହାରେ ରହିବେ ନାହିଁ। ହଷ୍ଟେଲରେ ପାଠ ପଢ଼ାଅ ନାହିଁ। ଗାଁରେ ପିଲାମାନଙ୍କୁ ରଖି ପାଠ ପଢ଼ାଆ । ସ୍କୁଲଗୁଡ଼ିକ କିପରି ଭଲ ଭାବରେ ଚାଲିବ, ମାଆମାନେ ପ୍ରତିଦିନ ଯାଇ ସ୍କୁଲରେ ଯାଇ ବୁଝାବୁଝି କର।



ନୀତି ଆୟୋଗ ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ମାଲକାନଗିରି ଗସ୍ତ

## 'ପ୍ରଶାସନ, ଜନତା ଏକାଠି ହେଲେ ବିକାଶ ସମ୍ଭବ'



ସମ୍ବାଦ

## ନୂଆଦିଲ୍ଲୀରେ ପୁରସ୍କୃତ ହେଲେ ଜିଲ୍ଲାପାଳ

# ଜାତୀୟ ଗ୍ରାମୀଣ ପାନୀୟଜଳ କାର୍ଯ୍ୟକ୍ରମ

ଗ୍ରାମାଂଚଳରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ସେମାନଙ୍କର ପିଇବା, ରୋଷେଇ ତଥା ଅନ୍ୟାନ୍ୟ ଘରୋଇ ଚାହିଦା ଓ ଆବଶ୍ୟକତା ପୂରଣ ପାଇଁ ନିରାପଦତଥା ନିୟମିତ ପାନୀୟଜଳ ଯଥେଷ୍ଟ ପରିମାଣରେ ଯୋଗାଇ ଦେବା ଲକ୍ଷ୍ୟ ନେଇ ଜାତୀୟ ଗ୍ରାମୀଣ ପାନୀୟ ଜଳ କାର୍ଯ୍ୟକ୍ରମ (National Rural Drinking Water Programme 2009) ୨୦୦୯ ଠାରୁ କାର୍ଯ୍ୟକାରୀ ହେଉଅଛି ।

ଜୀବନ ଧାରଣ ନିମନ୍ତେ ଜଳ ଏକ ମୌଳିକ ଆବଶ୍ୟକତା ଏବଂ ଏକ ନିର୍ଦ୍ଦିଷ୍ଟ ଗୁଣାତ୍ମକତାରେ ପାନୀୟ ଜଳ ସବୁ ସମୟରେ ଓ ସବୁ ପରିସ୍ଥିତିରେ ଉପଲବ୍ଧ କରାଇବାର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ଅଧାର଼ରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ନଳକୂପ, ପରିମଳ କୂପ, ଝରଣା ପର୍ଯ୍ୟବେସିତ ଜଳଯୋଗାଣର ଏବଂ ଆବଶ୍ୟକ କ୍ଷେତ୍ରରେ ଭ୍ରାମ୍ୟମାଣ ପାଣି ଟ୍ରାଙ୍କର ମାଧ୍ୟମରେ ଲୋକମାନଙ୍କୁ ଜଳ ଯୋଗାଣ କରାଯାଇଥାଏ । ଏହି କାର୍ଯ୍ୟକ୍ରମର ଅଧୀନରେ ନୂତନ ଜଳଉତ୍ସ ଚିହ୍ନଟ ଓ ମଞ୍ଜୁରୀ କାର୍ଯ୍ୟ, ଗ୍ରାମ୍ୟ ଜଳ ପରିମଳ ମିଶନ ଦେଖୁଥିବା ବେଳେ ତାହାର ସ୍ଥାପନ, ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟ ଗ୍ରାମ ପଂଚାୟତ ତୁଲାଇଥାଏ । ଏଥିନିମନ୍ତେ ପ୍ରତ୍ୟେକ ଗ୍ରାମ ପଂଚାୟତରେ ଗ୍ରାମ ଜଳ ପରିମଳ ସମିତିମାନ ଗଠନ କରାଯାଇଥାଏ । ଉକ୍ତ ସମିତି ଗ୍ରାମ ପଂଚାୟତକୁ ଜଳ ନିରାପତ୍ତା ଯୋଜନା ପ୍ରସ୍ତୁତି ଏବଂ ତାହାର କାର୍ଯ୍ୟକାରୀତା ପାନୀୟ ଜଳ ଯୋଗାଣ ନିମନ୍ତେ ଯୋଜନା ପ୍ରସ୍ତୁତ ସମୟରେ ଗ୍ରାମ ପଂଚାୟତରେ ନିମ୍ନଲିଖିତ ବିଷୟକୁ ଧ୍ୟାନଦେବା ଦରକାର ।

- ସମସ୍ତଙ୍କ ପାଇଁ ନିରାପଦ/ ଶୁଦ୍ଧ ପିଇବା ପାଣିର ସୁବିଧା ସୁନିଶ୍ଚିତ କରିବା ।
- ବର୍ଷସାରା ଆବଶ୍ୟକ ମୁତାବକ ପିଇବା ପାଣିର ଉପଲବ୍ଧତାକୁ ସୁନିଶ୍ଚିତ କରିବା ।
- ପିଇବା ପାଣିର ଗୁଣାତ୍ମକ ମାନକୁ ନିୟମିତ ଭାବେ ସୁନିଶ୍ଚିତ କରିବା ।
- ପିଇବା ପାଣି ଉତ୍ସଗୁଡ଼ିକୁ ଚିରସ୍ଥାୟୀ ତଥା ସୁରକ୍ଷିତ ରଖିବା ।

## ନିରାପଦ ତଥା ବିଶୁଦ୍ଧ ପାନୀୟଜଳ ଯୋଗାଣରେ ପଂଚାୟତର ଭୂମିକା

- ପଂଚାୟତର ସମସ୍ତ ପରିବାର ଆବଶ୍ୟକ କରୁଥିବା ଜଳର ଆକଳନ ତଥା ଗ୍ରାମରେ ଉପଲବ୍ଧ ହେଉଥିବା ସମସ୍ତ ଜଳ ଉତ୍ସରୁ ମିଳୁଥିବା ଜଳର ପରିମାଣ ଆକଳନ କରିବା ।
- କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ କରି ନଳକୂପ ଓ ପରିମଳ କୂପ ଚତୁଃପାର୍ଶ୍ୱରେ ଚଉତରା ନିର୍ମାଣ କରିବା ସହ ବ୍ୟବହୃତ ତଥା ଅନାବଶ୍ୟକ ମଇଳା ଜଳର ନାଳ ଜରିଆରେ ନିଷ୍କାସନ କରାଇବା ।
- ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ପମ୍ପ ଡ୍ରାଇଭର/ ଖାଲାସୀ ଗ୍ରାମ ପଂଚାୟତରେ ନିଯୋଜିତ ହୋଇ ମୁଖ୍ୟ ଜଳ ଉତ୍ସ / ପମ୍ପ ହାଉସର ରକ୍ଷଣାବେକ୍ଷଣ କରିବେ । ସେମାନେ ପଂଚାୟତ ସମିତିକୁ ସେମାନଙ୍କ ମାସିକ ପାରିଶ୍ରମିକ ପାଇବେ ।
- ଘରୋଇ ସ୍ତରରେ ପ୍ରତ୍ୟେକ ପରିବାରକୁ ପାଇପ ଯୋଗେ ଯୋଗାଇ ଦିଆଯାଉଥିବା ଜଳ ଯୋଗାଣ ପାଇଁ ଜଳକର ଆଦାୟ ବ୍ୟବସ୍ଥା କରିବେ ।
- ଘରକୁ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ଘରୋଇ ପାଇଖାନା କରାଇ ତାହାର ବ୍ୟବହାର କରିବା ସହ ବାହରେ ମଳତ୍ୟାଗ ବ୍ୟବସ୍ଥା ବନ୍ଦ କରିବା
- ପାନୀୟ ଜଳ ଯୋଗାଉଥିବା ସମସ୍ତ ସ୍ରୋତର ଉତ୍ସକୁ ପ୍ରଦୂଷଣ ଓ ମଳମୁକ୍ତ କରାଇବା, ଆବଶ୍ୟକ ସ୍ଥଳେ ମୁକ୍ତ ଜଳ ଉତ୍ସ (ଯଥା ଖୋଲା ପୋଖରୀ) କୁ ପାନୀୟ ଜଳ ସଂଗ୍ରହର ଏକ ଆଦର୍ଶ ଉତ୍ସରେ ପରିଣତ କରି ପାନୀୟ ଜଳ ପାଇଁ ସଂରକ୍ଷିତ ରଖିବା ।
- ପାନୀୟ ଜଳ ପାଇଁ ସଂରକ୍ଷିତ ଜଳ ଉତ୍ସକୁ ଏକ ଆଦର୍ଶ ଜଳ ଉତ୍ସରେ ପରିଣତ କରିବା ପାଇଁ ଏହାକୁ ଗାଧୋଇବା ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟବହାର ବନ୍ଦ କରିବା । ଏହାକୁ ଚାରିପାଖକୁ ପରିଷ୍କାର କରି ବୃକ୍ଷ ରୋପଣ କରିବା ।

## ଗ୍ରାମ ପଂଚାୟତ / ଗାଁ ଜଳ ପରିମଳ କମିଟିର ଭୂମିକା

- ଏହି ଯୋଜନାରେ କାର୍ଯ୍ୟ କରିବା, ପରିଚାଳନା ଓ

ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମପଂଚାୟତ ଉପରେ ନ୍ୟସ୍ତ ।

- ପଂଚାୟତର ତୃଣମୂଳ ସ୍ତର ବୈଠକ ଗ୍ରାମସଭାରେ ପାନୀୟ ଜଳ ଯୋଗାଣ ସମ୍ପର୍କରେ ବିଷଦଭାବେ ଆଲୋଚନା ହୋଇ ଏହାର ପରିଚାଳନା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ।
- ଗ୍ରାମବାସୀଙ୍କ ତରଫରୁ ଜଳଯୋଗାଣ କାର୍ଯ୍ୟ ନିୟମିତ ଭାବେ ଚାଲିଛି କି ନାହିଁ ତାହା ତଦାରଖ କରବା ଏବଂ ଆବଶ୍ୟକ ହେଲେ ତାହାର ରକ୍ଷଣାବେକ୍ଷଣ ନିମନ୍ତେ କାର୍ଯ୍ୟକରିବା ।
- ଗ୍ରାମସଭାରେ ପଂଚାୟତର ଜଳ ପରିମାଣ ଅବସ୍ଥା ସମ୍ବନ୍ଧରେ ସମୀକ୍ଷା କରି ସର୍ବଶେଷ ତଥ୍ୟ ପ୍ରଦାନ କରିବା । ଗ୍ରାମ ଜଳ ନିରାପତ୍ତା ଯୋଜନା ପ୍ରସ୍ତୁତ କରିବା ।
- Self Employment Mechanic ର କାର୍ଯ୍ୟ ତଦାରଖ କରିବା ଏବଂ ତାକୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା ।
- ପାନୀୟ ଜଳର ଗୁଣ ପରୀକ୍ଷା କରିବା, ରିପୋର୍ଟ ବା ତଥ୍ୟ ସଂଗ୍ରହ କରିବା ଏବଂ ସାର୍ବଜନୀନ କରାଇବା ଏବଂ ଆବଶ୍ୟକ ପଡ଼ିଲେ ପିଇବା ପାଣିର ଉଚିତ ଗୁଣ ବଜାୟ ରଖିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ।
- ପାନୀୟ ଜଳର ଉତ୍ସଗୁଡ଼ିକର ସୁରକ୍ଷିତତାକୁ ତଦାରଖ କରିବା ଓ ତାହାର ରକ୍ଷଣାବେକ୍ଷଣ କରାଇବା ।

## ପାଣିର ଗୁଣବତ୍ତା ପରୀକ୍ଷଣ

ପାନୀୟ ଜଳର ଗୁଣ ଠିକ୍ ଅଛି କି ନାହିଁ ତାହା ଜାଣିବା ପାଇଁ ପାନୀ ଜଳର ପରୀକ୍ଷଣ ହେବା ଦରକାର । ବର୍ଷକୁ ଅତି କମରେ ଦୁଇଥର ( ବର୍ଷାଋତୁ ପୂର୍ବରୁ ଥରେ ଓ ପରେ ଥରେ ) ଜଳର ଗୁଣ ପରୀକ୍ଷା ହେବା ଦରକାର । ଜଳର ପରୀକ୍ଷଣ ପରେ ପରୀକ୍ଷାଗାର ତରଫରୁ ମିଳିଥିବା ରିପୋର୍ଟକୁ ତଦାରଖ କରିବା ଏବଂ ଆବଶ୍ୟକ ହେଲେ ପାଣିର ମାନକୁ ଠିକ୍ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଦରକାର । ଏହି ସମ୍ବନ୍ଧରେ ବିଶେଷ ତଥ୍ୟ ନିମନ୍ତେ ଆମେ ଆମ ଗ୍ରାମ ପଂଚାୟତ ଓ ଏସ୍.ଇ.ଏମ୍‌ଙ୍କ ସହିତ ଯୋଗଯୋଗ କରିପାରିବା ।

## ଘରୋଇ ସ୍ତରରେ ପାନୀୟ ଜଳର ପରିଚାଳନା

ପ୍ରଦୂଷିତ ଜଳ ବିଭିନ୍ନ ପ୍ରକାର ରୋଗ ସଂକ୍ରମଣର କାରଣ ହୋଇଥାଏ । ଏଣୁ ଘରୋଇ ବା ଅନୁଷ୍ଠାନ ସ୍ତରରେ ପାନୀୟଜଳର ବ୍ୟବହାର ଓ ନିରାପତ୍ତା ପାଇଁ ନିମ୍ନ କେତେକ ବିଷୟ ପ୍ରତି ଧ୍ୟାନ ଦେବା ଦରକାର ।

- ଗ୍ରାମରେ ଉପଲବ୍ଧ ଜଳ ଉତ୍ସଗୁଡ଼ିକ ମଧ୍ୟରୁ ନିରାପଦଉତ୍ସର ଚିହ୍ନଟ ଠିକ୍ ଭାବରେ ହେବା ଦରକାର ।
- ଜଳ ଉତ୍ସକୁ ପାନୀୟଜଳର ସଂଗ୍ରହ ସହ ପାତ୍ର ଓ ସ୍ୱଚ୍ଛ ହାତ ସହିତ ସଂଗ୍ରହ ହେବା ଦରକାର ।
- ପାନୀୟ ଜଳକୁ ଏକ ଉଚ୍ଚ ସ୍ଥାନରେ ଏବଂ ଘୋଡ଼ଣୀ ଥିବା ପାତ୍ରରେ ଗଚ୍ଛିତ କରି ରଖିବା ଦରକାର ।
- ନିରାପଦଭାବେ ଗଚ୍ଛିତ ପାତ୍ରରୁ ପିଇବା ପାଣିକୁ ବାହାର କରିବା ନିମନ୍ତେ ଟ୍ୟାପ କିମ୍ବା ଲମ୍ବା ଦଣ୍ଡଯୁକ୍ତ ଡଙ୍କି ବ୍ୟବହାର କରିବା ଦରକାର ।
- ପିଇବା ନିମନ୍ତେ ବ୍ୟବହୃତ ପତ୍ର ବା ଗ୍ଲାସ ସ୍ୱଚ୍ଛ ହେବା ଦରକାର ।
- ପିଇବା ପାଣିର ସଂଗ୍ରହ ଓ ସଂଚୟ ସମୟରେ ହାତକୁ ଠିକ୍ ଭାବରେ ପରିଷ୍କାର କରିବା ଉଚିତ ।
- ପାନୀୟ ଜଳର ଶୁଦ୍ଧତା ହେଲୋଜେନ୍ ଟାବ୍‌ଲେଟ୍ କିମ୍ବା ବିଭିନ୍ନ ପ୍ରକର ଫିଲ୍‌ଟର ବ୍ୟବହାର କରାଯିବା ଉଚିତ ।



୬ ମାସ ହେଲା ଖୋଲା ହେଉନି ଗଭୀର ନଳକୂପ

ବଲାଙ୍ଗିର,୨।୭(ସ.ପ୍ର): ୬ମାସ ହେଲା ଗଭୀର ନଳକୂପ ପା ଆବଶ୍ୟକ ଟଙ୍କା ଜମା ସତ୍ତ୍ୱେ ଏଯାଏ ତାହା ଖୋଲାଯାଇ ନଥିବା ବେଲପଡ଼ା ବ୍ଲକର ଚାଷୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋ କରିଛନ୍ତି । ସୂଚନାରୁ ପ୍ରକାଶ ଯେ, ବେଲପଡା ବ୍ଲକ ପଦ୍ମପୁର ମୌଜା ପ୍ରାୟ ୧୨ ଜଣ ଚାଷୀ ୨୦୧୩ ନଭେମ୍ବର୨୬ ତାରିଖରେ ନା ରେଜିଷ୍ଟ୍ରେସନ କରି ଗଭୀର ନଳକୂପ ପାଇଁ ଅବେଦନ କରିଥିଲେ । କି ଦିନ ଭିତରେ ଆବଶ୍ୟକ କାଗଜପତ୍ର ସହ ୨୦ ହଜାର ଟଙ୍କା ଜ କରିଥିଲେ ମଧ୍ୟ ଗଭୀର ନଳକୂପ ଖୋଲା ହୋଇନାହିଁ । ମଳୁଡି ପ୍ରପାତି ଅଞ୍ଚଳବାସୀଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଚାଷୀ ଜିଲାପାଳ ଦ୍ୱାରସ୍ଥ ହୋଇଥିଲେ । ଏନେଇ ଆବଶ୍ୟକ ପଦକ୍ଷେପ ନେବା ପ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ପ୍ରକାଶ ।

## ନୂଆପଡ଼ା ଜିଲ୍ଲା ସୂଚନା ଅଧିକାର ମଂଚର ବୈଠକ

# ସୂଚନା ପହଂଚାଇବା ଦ୍ୱାରା ତୃଣମୂଳସ୍ତରରେ ସରକାରୀ ଯୋଜନା ହିତାଧିକାରୀଙ୍କ ନିକଟରେ ପହଂଚିପାରୁଛି




ନୂଆପଡ଼ା ,(ପିଏନ) : ତୃଣମୂଳ ସ୍ତରରେ ଅବହେଳିତ ଓ ପଛୁଆ ବର୍ଗଙ୍କ ନିକଟରେ ସୂଚନା ପହଂଚାଇବା ଦ୍ୱାରା ସେମାନଙ୍କର ଜୀବନଜୀବିକାରେ ପରିବର୍ତ୍ତନ ଆସିପାରିଛି । ଅନେକ ଯୋଗ୍ୟ ହିତାଧିକାରୀ ଯେଉଁମାନେ ଖାଦ୍ୟ ସୁରକ୍ଷା ଆଇନରେ ରେଶନ କାର୍ଡ ପାଇନଥିଲେ, ପାଇଛନ୍ତି, ସ୍କୁଲଗୁଡ଼ିକ ନିୟମିତ ହୋଇପାରିଛି, ଅଙ୍ଗନବାଡ଼ି କେନ୍ଦ୍ର ସଠିକ୍ ପରିଚାଳିତ ହୋଇପାରିଛି, ମନରେଗାରେ ଶ୍ରମିକ ଦଳ ଗଠନ ହୋଇ କାମ ପାଇଁ ଦାବୀ କରିଛନ୍ତି, ଏବଂ ଗ୍ରାମସଭା ଏବଂ ପଲ୍ଲୀସଭାରେ ମହିଳାମାନଙ୍କର ଭୂମିକା ବଢ଼ିବା ସହିତ ଆଲୋଚନାରେ ଅଂଶଗ୍ରହଣ କରିପାରୁଛନ୍ତି ବୋଲି ନୂଆପଡ଼ା ସ୍ଥିତ ମୁକ୍ତିକା ସଂଗଠନ ସହାଯୋଗରେ ଅନୁଷ୍ଠିତ ଠାରେ ଅନୁଷ୍ଠିତ ଜିଲ୍ଲା ସୂଚନା ଅଧିକାର ଅଭିଯାନ ମଂଚର ବୈଠକରେ ମତ ପ୍ରକାଶ ପାଇଛି । ଏ ବୈଠକରେ ୬୦ରୁ ଉର୍ଦ୍ଧ୍ୱ ଜିଲ୍ଲାର ସରକାରୀ କର୍ମଚାରୀ, ସୂଚନା ଅଧିକାର କର୍ମୀ, ପଂଚାୟତ ନାଗରିକ ଚେତନା ମଂଚ, ବ୍ଲକ ସ୍ତରୀୟ ନାଗରିକ ଚେତନା ମଂଚର ସଦସ୍ୟସଦସ୍ୟା, ନାଗରିକ ସମାଜର କର୍ମକର୍ତ୍ତା ଯୋଗ ଦେଇଥିଲେ ।

ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଅଗ୍ରଗାମୀର ନିର୍ଦ୍ଦେଶକ ଶ୍ରୀ ଅଚ୍ୟୁତ ଦାସ ଗତ ଚାରି ବର୍ଷରେ ୧୦ଟି ଅବହେଳିତ ଜିଲ୍ଲାର ୨୦ଟି ଜିଲ୍ଲାର ୧୦୦୦ଟି ଗ୍ରାମରେ ତୃଣମୂଳ ସ୍ତରରେ ଅନେକ ସଫଳତା ମିଳିଛି । ଶ୍ରୀଯୁକ୍ତ ଦାସ କହିଥିଲେ ଯେ, ସୂଚନା ଅଧିକାର ଆଇନର ୪ (୧) ଖ ରେ ସରକାର ସ୍ୱତଃପ୍ରବୃତ୍ତ ଭାବରେ ସୂଚନା ଜନସାଧାରଣଙ୍କ ନିକଟରେ ରଖିବେ ବୋଲି ବ୍ୟବସ୍ଥା ରହିଛି । ଏହାକୁ ଏହି ପ୍ରକଳ୍ପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏହି ପ୍ରକଳ୍ପ ଦ୍ୱାରା ନାଗରିକ ଚେତନା ମଂଚଙ୍କ ଦ୍ୱାରା ପଛୁଆ ବର୍ଗଙ୍କୁ ସୂଚନା ପ୍ରଦାନ ଦ୍ୱାରା ଗ୍ରାମସଭା ଓ ପଲ୍ଲୀସଭାରେ ମହିଳାମାନଙ୍କର ସହଭାଗିତା ବୃଦ୍ଧି , ସ୍କୁଲ ପରିଚାଳନା କମିଟି, ଅଙ୍ଗନବାଡ଼ି ସକ୍ରିୟ କରିବା ଇତ୍ୟାଦିରେ ସଫଳତା ହୋଇଛି । ସରକାରୀ ଜଳ ମଳ ଜନସାଧାରଣଙ୍କ ସମ୍ପର୍କରେ ବିକାଶ ଘଟିଛି ଏବଂ ଜବାବଦେହୀତା ଓ ସ୍ୱଚ୍ଛତା ବଢ଼ିଛି । ଅଗ୍ରଗାମୀ ତୃଣମୂଳ ସ୍ତରରେ ଶିକ୍ଷା, ସ୍ୱାସ୍ଥ୍ୟ, ଅଙ୍ଗନବାଡ଼ି, ଜୀବୋପାର୍ଜନ ଦୃ କରିବା, ମନରେଗା ଆଦିକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି । କୌଣସି ଅନୁଷ୍ଠାନ ଉପରରେ ଜନସାଧାରଣ ନିର୍ଭର ନ ହୋଇ ନିଜର ବିକାଶ ପାଇଁ ଆଗେଇ ଆସିବା ଦରକାର ବୋଲି ମତ ଦେଇଥିଲେ ।

ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜିଲ୍ଲା କୋଷାଧ୍ୟକ୍ଷ ଅଧିକାରୀ ଶ୍ରୀ ଏସ୍.କେ. ସାମନ୍ତରାୟ, କହିଥିଲେ ଯେ, ସୂଚନା ଅଧିକାର ଆଇନ ଏକ ଯୁଗାନ୍ତକାରୀ ଆଇନ ଏବଂ ଏହି ଆଇନ ଦ୍ୱାରା ସରକାରୀ ସ୍ତରରେ ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ବଢ଼ିଛି । ଶ୍ରୀଯୁକ୍ତ ସାମନ୍ତରାୟ ସୂଚନା ଅଧିକାର ଆଇନର ସମ୍ପର୍କରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ । ଜିଲ୍ଲା ସୂଚନା ଅଧିକାର ମଂଚର ଅଧ୍ୟକ୍ଷ ଶ୍ରୀ ଦାମୋଦର ଦାସ ନୂଆପଡ଼ାରେ ସୂଚନା ଅଧିକାର ମଂଚ ଦ୍ୱାରା କେତେକ ସଫଳ କାହାଣୀ ସମ୍ପର୍କରେ ଉପସ୍ଥାପନା କରିବା ସହିତ ସୂଚନା ଅଧିକାର ଆଇନ ଦ୍ୱାରା ପ୍ରଶାସନର ସ୍ୱଚ୍ଛତା ବୃଦ୍ଧି ହେଉଛି ବୋଲି ମତ ରଖିଥିଲେ ।

ଏହି ବୈଠକକୁ ସଂଯୋଜନା କରି ଜିଲ୍ଲା ସଂଯୋଜକ ଶ୍ରୀ ଶତ୍ରୁଘ୍ନ ନାଏକ ସୂଚନା ଦେଇ କହିଥିଲେ ଯେ, ଗତ ୪ ବର୍ଷ ଧରି ଏହି ସରକାରୀ ସୂଚନା ପ୍ରସାର ପ୍ରକଳ୍ପ ଦ୍ୱାରା ନୂଆପଡ଼ା ଓ ବୋଡେନ୍, ବ୍ଲକର ୧୦ଟି ପଂଚାୟତର ୧୦୦ଟି ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିକର, ମନରେଗା , ଅଙ୍ଗନବାଡ଼ିରେ ଲୋକମାନେ ସୂଚନା ମାଗିବା ସହିତ ସଶକ୍ତିକରଣ ହୋଇପାରିଛନ୍ତି । ଶ୍ରୀ ନାଏକ ନୂଆପଡ଼ା ଜିଲ୍ଲାର ମୌଳିକ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହିତ କିପରି ନୂଆପଡ଼ା ବ୍ଲକରେ ସୂଚନା ପ୍ରକଳ୍ପ କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କର ସୁଫଳ ପାଇଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିବା ବେଳେ କରିଲକର ବୋଡେନ୍, ବ୍ଲକରେ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ନେହେରୁ ଯୁବକ ସଂଘର ସଂଯୋଜକ ନିଜର ବକ୍ତବ୍ୟରେ ଯୁବକମାନଙ୍କୁ ସକ୍ରିୟ କରିବା ସହିତ ମିଳିତ ଭାବରେ କାମ କରିବା ଦ୍ୱାରା ସମାଜରେ ପରିବର୍ତ୍ତନ ଆସିବ ଏବଂ ଆମେ ବିକାଶ କାର୍ଯ୍ୟକ୍ରମରେ ସଫଳ ପାଇପାରିବା ବୋଲି ନିଜର ବକ୍ତବ୍ୟ ରଖିଥିଲେ । ଅଧିବକ୍ତା ଶ୍ରୀ ସୁରେନ୍ଦ୍ର କୁମାର ପଣ୍ଡା କହିଲେ ଓ ଅବହେଳିତ ବର୍ଗର ଲୋକମାନେ ସୂଚନା ପାଇବା କିପରି କୌଣସି ଅସୁବିଧା ହେଲେ ସେ ସମସ୍ତ ପ୍ରକାର ସହଯୋଗ ନାଗରିକ ଚେତନା ମଂଚକୁ ଯୋଗାଇ ଦେବେ ବୋଲି ମତ ରଖିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ନାଗରିକ ଚେତନା ମଂଚର ସଦସ୍ୟ ସଦସ୍ୟାମାନେ ନୂଆପଡ଼ାରେ ଫ୍ଲୋରାଇଡ୍ ପାଣି ସମସ୍ୟା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା, ମଦ ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟା, ସୂଚନା ଅଧିକାର ଆଇନ ଦ୍ୱାରା ହୋଇଥିବା ସଫଳତା ଆଦି ସମ୍ପର୍କରେ ଉପସ୍ଥାପନା କରିଥିଲେ । ଏହି ବୈଠକରେ ଶ୍ରୀମତୀ ସାମାଜିକ କର୍ମୀ ଶ୍ରୀମତୀ ନମିତା ସାହୁ, ଜନଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ଶ୍ରୀ ବିଜୟ ପାଣି, ନେହେରୁ ଯୁବକ ସଂଘର ଜିଲ୍ଲା ସଂଯୋଜକ ଶ୍ରୀ ସୁରେନ୍ଦ୍ର ଶର୍ମା, ନାଗରିକ ଚେତନା ମଂଚର ସଦସ୍ୟ ସଦସ୍ୟା, ନିର୍ବାଚିତ ପ୍ରତିନିଧି ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ

Paryabekhyak -14.10

# ଜିଲାସ୍ତରୀୟ ସୂଚନା ଅଧିକାର ସମାବେଶ




ଭବାନୀପାଟଣା, ୧୨।୧୦ (କି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ସେବାଜଗତ, କଳାହାଣ୍ଡି ଜିଲା ଆରଟିଆଇ ଫୋରମ୍, ଅଗ୍ରଗାମୀ, ୟୁରୋପିଅନ୍ ୟୁନିଅନ୍‌ର ମିଳିତ ଉଦ୍ୟମରେ ଭବାନୀପାଟଣା ଅର୍ବାନ୍ ପିଏଚ୍‌ସି ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସୂଚନା ଅଧିକାର ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ସାମାଜିକ ସମୀକ୍ଷକ, ଅଗ୍ରଗାମୀର ନିର୍ଦ୍ଦେଶକ ଅଚ୍ୟୁତ ଦାସ, ସେବାଜଗତର ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକ, ଜିଲା ସୂଚନା ଅଧିକାର ଫୋରମ୍‌ର ଆବାହକ ଅଜୟ ମିଶ୍ରଙ୍କ ସହ ଜିଲାର ପ୍ରାୟ ୬୦ ଜଣରୁ ଊର୍ଦ୍ଧ୍ୱ ସୂଚନା କର୍ମୀ ଯୋଗ ଦେଇଥିଲେ। ୟୁରୋପିଅନ୍ ୟୁନିଅନ୍‌ର ଏହି ପ୍ରକଳ୍ପର ୫ ବର୍ଷର ରାଜ୍ୟସ୍ତରୀୟ ସଫଳତା ବିଷୟରେ ଅଗ୍ରଗାମୀର ଶ୍ରୀ ଦାସ ବର୍ଣ୍ଣନା କରିଥିବା ବେଳେ ସେବା ଜଗତର ପ୍ରକଳ୍ପ ସଂଯୋଜିକା ରୋଶନାରା ମହାନ୍ତି, ପ୍ରେମ ସେମିଲି କଳାହାଣ୍ଡି ଜିଲା କାର୍ଯ୍ୟକ୍ରମର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଥୁଆମୁଲ ରାମପୁର, ମଦନପୁର ରାମପୁର ତଥା ଭବାନୀପାଟଣାରୁ ଆସିଥିବା ଆରଟିଆଇ କର୍ମୀ, ବିଭିନ୍ନ ସଂଗଠନ ସୂଚନା ଅଧିକାର ଆଇନକୁ ନେଇ ବିଭିନ୍ନ ସଫଳତା ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଟଙ୍କଧର ବର୍ତ୍ତିଁ, ଗୌରଚନ୍ଦ୍ର ନାୟକ, ଚନ୍ଦ୍ରଶେଖର ବାବୁ, ସରୋଜ ଦାସ, ସଂଗ୍ରାମ କେଶରୀ ବାବୁ ପ୍ରମୁଖ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ଜିଲା ସାମାଜିକ ସମୀକ୍ଷକ ଶଶାଙ୍କ ଶେଖର ଭୋଇ ସୂଚନା ଅଧିକାର ଆଇନକୁ ବ୍ୟବହାର କରି ଏହି ପ୍ରକଳ୍ପ କଳାହାଣ୍ଡିର ୧୦୦ ଟି ଗ୍ରାମରେ ହୋଇଥିବା ସଫଳତା ବିଷୟରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜ ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା ସୂଚନା ଅଧିକାର ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନତାକୁ ଗୁରୁତ୍ୱ ଦେଇଥିଲେ। ଶେଷରେ ଆବାହକ ଅଜୟ ମିଶ୍ର ରାଜ୍ୟସ୍ତରୀୟ ଆରଟିଆଇ ମତାମତ ତଥା ଏହାକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିବାଦିଗରେ ମତାମତ ଦେଇ ଧନ୍ୟବାଦ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସେବାଜଗତର ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକ ପରିଚାଳନା କରିଥିଲେ।

Samaja-13.10

# ଗ୍ରାମସଭା



ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକର
ଦିଗ୍‌ଧର ଗ୍ରାମ ପଂଚାୟତର ଗ୍ରାମସଭା




ମାଲକାନଗିରି ଜିଲ୍ଲାର କୋରକୁଣ୍ଡା ବ୍ଲକର ଗୋରୁଖୁଂଟା ପଂଚାୟତ



କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକର ପାଇରାଜୁ ପଂଚାୟତର ଗ୍ରାମସଭା



ଡୁମ୍ବାଗୁଡ଼ା ପଂଚାୟତ, ଦଶମନ୍ତପୁର ବ୍ଲକ,
କୋରାପୁଟଠାରେ ଅନୁଷ୍ଠିତ ଗ୍ରାମସଭା



କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ବ୍ଲକର
ମୁଡ଼ିଙ୍ଗ ପଂଚାୟତର ଗ୍ରାମସଭା



ନୂଆପଡ଼ା ଜିଲ୍ଲାର ବୋଡ଼େନ୍ ବ୍ଲକର  ଖଇରା ପଂଚାୟତର ଗ୍ରାମସଭା



ଅଗଷ୍ଟ ୧୦ରେ ଅନୁଷ୍ଠିତ ଏକ ମିଟିଂ ମାଧ୍ୟମରେ ଅଗ୍ରଗାମୀ ତରଫରୁ ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ଅଜିତ କୁମାର ମିଶ୍ର ଏବଂ ଅନ୍ୟାନ୍ୟ ଜିଲ୍ଲା ଅଧିକାରୀଙ୍କ ଗହଣରେ ଉପସ୍ଥାପନା



ବଲାଙ୍ଗିରଠାରେ ଅକ୍ଟୋବର ୧୩ ତାରିଖରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଫୋରମ ବୈଠକ




କାଶୀପୁର ଠାରେ ଅନୁଷ୍ଠିତ ମନରେଗା ଶ୍ରମିକ ଦଳଙ୍କ ନିମନ୍ତେ ରାଜ୍ୟସ୍ତରୀୟ ତାଲିମ ଭିତ୍ତିକ କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନ

ଅଗ୍ରଗାମୀ -
ୟୁରୋପିୟାନ ୟୁନିୟନର
ମିଳିତ ପ୍ରକଳ୍ପ : ପଛୁଆ ଗୋଷ୍ଠୀଙ୍କର
ପୁଷ୍ଟିସାର ଓ ରୋଜଗାର ନିରାପତ୍ତା
ସମ୍ବନ୍ଧୀୟ ସୂଚନା କାର୍ଯ୍ୟକ୍ରମର

# ସୂଚନା ବାର୍ତ୍ତା

## ୩

ସମ୍ପାଦକ
**ଶ୍ରୀ ଅଚ୍ୟୁତ ଦାସ**
ମୁଖ୍ୟ ସମ୍ପାଦକ
**ଶ୍ରୀମତୀ ବିଦ୍ୟା ଦାସ**
ସହ ସମ୍ପାଦକ
**ଶ୍ରୀ ଲୋକନାଥ ପଣ୍ଡା**

ଡାକ ଟିକଟ

ପ୍ରାପକ :

ଅଗ୍ରଗାମୀ
ଏନ୍.ଡି.-୮, ଭି.ଆଇ.ପି. ଏରିଆ, ପୋ - ଆଇ.ଆର୍.ସି. ଭିଲେଜ୍,
ଭୁବନେଶ୍ୱର - ୭୫୧୦୧୫, ଫୋନ୍ : ୦୬୭୪-୨୫୫୧୧୨୩

( ପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକ ଲେଖକଙ୍କ ନିଜସ୍ୱ ମତ । ଏଥିପାଇଁ ସଂପାଦକ ଦାୟୀ ନୁହନ୍ତି )



ମୁଦ୍ରଣ : ପେନ୍ ଏଣ୍ଡ ଇଙ୍କ୍ ପ୍ରେସ୍, B/87A ଚନ୍ଦକା ଶିଳ୍ପାଞ୍ଚଳ, ପଟିଆ, ଭୁବନେଶ୍ୱର-୨୪, ଫୋନ୍ - ୯୪୩୮୩୫୯୮୨୩ / ୮୨୪